# ପୁରୁଷମାନଙ୍କୁ ମହତ୍ତ୍ୱପୂର୍ଣ୍ଣ ଉପଦେଶ

## ଖୁତବା ଜୁମା

ଉଦବୋଧକ :

ସୟଦନା ହଜରତ ଅମିରୁଲ ମୁମିନୀନ୍ ଖଲିଫତୁଲ ମସିହ ପଞ୍ଚମ[ଅବ]

୧୯ ମଇ ୨୦୧୭

# ପୁରୁଷମାନଙ୍କୁ ମହତ୍ତ୍ୱପୂର୍ଣ୍ଣ ଉପଦେଶ

# ଖୁତବା ଜୁମା

ଉଦବୋଧକ :

ସୟଦନା ହଜରତ ଅମିରୁଲ ମୁମିନୀନ୍ ଖଲିଫତୁଲ ମସିହ ପଞ୍ଚମ[ଅବ]

**୧୯ ମଇ ୨୦୧୭**

| | |
|---|---|
| Name of the Book: | Khutba Juma |
| Written by: | Hadhrat Khalifatul Masih Khamis aba |
| First edition (India): | 2017 |
| Quantity: | 1000 |
| Printed at: | Fazl-e-Umar Printing Press Qadian |
| Published by: | Nazarat Nashr-o-Isha'at Qadian-143516 |
| | Distt:Gurdaspur, Punjab, India |

ହଜରତ ମୁହମ୍ମଦ[ସଅ]ଙ୍କ ପ୍ରତି ଯେଉଁ ଶିକ୍ଷା ଅବତୀର୍ଣ୍ଣ ହୋଇଥିଲା, ତାହା ପ୍ରତ୍ୟେକ କ୍ଷେତ୍ରରେ ଆମର ମାର୍ଗଦର୍ଶନ କରୁଛି । ଯଦି ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ତଦନୁଯାୟୀ ପାଳନ କରନ୍ତି, ତା'ହେଲେ ଏକ ସୁନ୍ଦର ଓ ସୁସ୍ଥ ପରିବେଶ ସୃଷ୍ଟି ହୋଇ ପାରିବ

ପୁରୁଷ ଘରର ମୁଖ୍ୟ ହିସାବରେ, ସ୍ୱାମୀ ହିସାବରେ, ବାପ ହିସାବରେ ଓ ସନ୍ତାନ ଭାବରେ ନିଜର ଦାୟିତ୍ୱ ସୁଚାରୁ ରୂପେ ତୁଲାଇବା ତାହାର ପରମ କର୍ତ୍ତବ୍ୟ । ଯଦି ପ୍ରତ୍ୟେକ ପୁରୁଷ ଏ ସମସ୍ତ କର୍ତ୍ତବ୍ୟଗୁଡ଼ିକୁ ସଠିକ୍ ଭାବରେ ସମ୍ପାଦନ କରିବାକୁ ଚେଷ୍ଟା କରନ୍ତି, ତେବେ ଆମ ପରିବେଶରେ ଶାନ୍ତି, ପ୍ରେମ ଓ ଭ୍ରାତୃଭାବର ବାତାବରଣ ବ୍ୟାପକ ରୂପେ ପ୍ରତିଷ୍ଠା କରିବାର ମାଧ୍ୟମ ହେବ । ଏହି କଥା ପିଲାମାନଙ୍କ ପ୍ରଶିକ୍ଷଣର ମାଧ୍ୟମ ସାଜି ଶାନ୍ତିପୂର୍ଣ୍ଣ ଓ ମାନବାଧିକାରର କର୍ତ୍ତବ୍ୟ ସମ୍ପାଦନକାରୀ ଏକାଧିକ ପିଢ଼ି ତିଆରି କରିବାର ସାଧନ ହୋଇପାରିବ ।

**(ପବିତ୍ର କୁରଆନ, ହଦିସ୍ ଓ ହଜରତ ମସିହ ମଉଦ[ଅସ]ଙ୍କ ନୀତିଶିକ୍ଷା ତଥା ପବିତ୍ର ଜୀବନ ଆଧାରରେ ପୁରୁଷମାନଙ୍କୁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଉପଦେଶ)**

**ସୟଦନା ଅମିରୁଲ ମୁମିନିନ୍ ହଜରତ ମିର୍ଜା ମସରୁର ଅହମଦ ଖଲିଫତୁଲ ମସିହ ପଞ୍ଚମ[ଅବ]ଙ୍କ ଜୁମା ଅଭିଭାଷଣ, (୧୯ ମଇ ୨୦୧୭ ଖୁତବା ଜୁମା)**

**ସ୍ଥାନ - ମସଜିଦ୍ ବୟତୁଲ୍ ଫୁତୁହ୍, ଲଣ୍ଡନ**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَ رَسُوْلُهٗ اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ-بِسْمِ اللّٰهِ الرَّحْمٰنِ الرَّحِيْمِ-

اَلْحَمْدُ لِلّٰهِ رَبِّ الْعٰلَمِيْنَ-الرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- اِيَّاكَ نَعْبُدُ وَاِيَّاكَ نَسْتَعِيْنُ- اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ହଜରତ ମୁହମ୍ମଦ[ସଅ]ଙ୍କ ପ୍ରତି ଇସଲାମର ଯେଉଁ ଶିକ୍ଷା ଅବତୀର୍ଣ୍ଣ ହୋଇଥିଲା, ତାହା ପ୍ରତ୍ୟେକ କ୍ଷେତ୍ରରେ ଆମର ମାର୍ଗଦର୍ଶନ କରୁଛି । ଯଦି ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ତଦନୁଯାୟୀ ପାଳନ କରନ୍ତି, ତା'ହେଲେ ଏକ ସୁନ୍ଦର ଓ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଯିବ । ବର୍ତ୍ତମାନ ଯେଉଁ ଅଣମୁସଲମାନ ଲୋକମାନେ ଇସଲାମ ଓ ମୁସଲମାନଙ୍କ କାର୍ଯ୍ୟକଳାପ ଉପରେ ଆରୋପ ଲଗାଉଛନ୍ତି, ତାହା ପରିବର୍ତ୍ତେ ସେମାନେ ଇସ୍‌ଲାମୀୟ ଶିକ୍ଷା ଉପରେ ବାସ୍ତବ ରୂପେ ପାଳନ କରନ୍ତେ, ତାହା ଯୋଗୁଁ ମୁସଲ୍‌ମାନଙ୍କ କାର୍ଯ୍ୟର ଦୃଷ୍ଟାନ୍ତ ଦେଇ ଇସ୍‌ଲାମକୁ ଅବଶ୍ୟ ଶ୍ରଦ୍ଧା କରନ୍ତେ । ପବିତ୍ର କୁରଆନରେ ଅନେକ ଆଦର୍ଶର ଉଲ୍ଲେଖ ରହିଛି କିନ୍ତୁ ଅଲ୍ଲାଃତାଲା ସେ ସେବୁକୁ ଗୋଟିଏ ମାତ୍ର ବାକ୍ୟରେ ଏପରି ଦର୍ଶାଇଦେଲେ

لَقَدْ كَانَ لَكُمْ فِيْ رَسُوْلِ اللّٰهِ اُسْوَةٌ حَسَنَةٌ

**ଲକଦ୍ କାନା ଲକୁମ୍ ଫିରସୁଲିଲ୍ଲାହି ଉସ୍‌ୱତୁନ୍ ହସନାଃ**

(ଅଲ୍ ଅହ୍‌ଜାବ୍, ୨୨)

ଅର୍ଥାତ 'ବାସ୍ତବରେ ତୁମମାନଙ୍କ ନିମନ୍ତେ ହଜରତ ମୁହମ୍ମଦ[ସଅ] ଜଣେ ଆଦର୍ଶ ଉଦାହରଣ ।' ଦେଖନ୍ତୁ ମହାଭାଗଙ୍କ ଜୀବନ ଚରିତ୍ର ଘରଠାରୁ

ଆରମ୍ଭ କରି ସମାଜ ବ୍ୟାପକ ପରିବେଶ ପର୍ଯ୍ୟନ୍ତ ପବିତ୍ର କୁରଆନର ସମସ୍ତ ଆଦେଶ ଅନୁଯାୟୀ କର୍ତ୍ତବ୍ୟ ପାଳନ କରିବା ଥିଲା । ମାତ୍ର ଦୁର୍ଭାଗ୍ୟ ବଶତ ଅଧିକାଂଶ ମୁସଲିମ ସମାଜ ଅଲ୍ଲାଃଙ୍କ ସେହି ଆଦେଶଗୁଡିକୁ କେବଳ ପଢିଥାନ୍ତି ଓ ଆଦର ପୂର୍ବକ ଦେଖିଥାନ୍ତି ସତ କନ୍ତୁ ଏହା ଉପରେ ପାଳନ କରିବା ବେଳେ ଅଣଦେଖା କରିଦିଅନ୍ତି । ସୁତରାଂ ପ୍ରକୃତ ସଫଳତା ମଣିଷକୁ ସେତେବେଳେ ହାସଲ ହୋଇଥାଏ, ଯେତେବେଳେ ସେ ପ୍ରତ୍ୟେକ କାର୍ଯ୍ୟରେ ଉକ୍ତ ନମୁନାକୁ ନିଜ ସମ୍ମୁଖରେ ରଖିବ । ଅନେକ ସମୟରେ ବଡ ବଡ ପ୍ରସଙ୍ଗରେ ମଣିଷ ବେଶ୍ ସୁନ୍ଦର ବ୍ୟବହାର ପ୍ରଦର୍ଶନ କରିଥାଏ । କିନ୍ତୁ କେତେକ ବିଷୟକୁ ସେ ଅତ୍ୟନ୍ତ ହେୟ ଜ୍ଞାନ କରି ଏପରି ଉପେକ୍ଷା କରି ଦେଇଥାଏ, ଯେପରି ତାହାର କୌଣସି ଗୁରୁତ୍ୱ ହିଁ ନାହିଁ । କିନ୍ତୁ ହଜ୍‌ରତ୍ ମୁହମ୍ମଦ[ସଅ] ଏହାର ବିପରୀତରେ ଆମ ମନରେ ମୂଲ୍ୟବାଣ ନିତୀବାଣୀ ଦ୍ୱାରା ଓ ନିଜର ଆଦର୍ଶ ଆଚରଣ ମାଧ୍ୟମରେ ଏଥିପ୍ରତି ବହୁତ ଗୁରୁତ୍ୱ ଆରୋପ କରିଛନ୍ତି । ଯଦି ଆମେ ନିଜ ଜୀବନକୁ ସୁଖ ଓ ଚିର ଶାଶ୍ୱତମୟ କରିବା ପାଇଁ ଅଭିଳାଷ ରଖିବା ତଥା ଅଲ୍ଲାଃତାଲାଙ୍କ କୃପା ଲାଭ କରିବାକୁ ଚାହୁଁଥିବା ତେବେ ଆମମାନଙ୍କୁ ସେହି ନୈତିକ ଶିଷ୍ଟାଚାରକୁ ନିଜ ଜୀବନରେ ଆପଣାଇବା ଆବଶ୍ୟକ । ଯାହାକି ଆମର ପ୍ରିୟତମ ନବୀ ହଜରତ ମୁହମ୍ମଦ[ସଅ] ନିଜର ପ୍ରତ୍ୟେକ କର୍ମ ମାଧ୍ୟମରେ ଆମମାନଙ୍କ ସମ୍ମୁଖରେ ନିଜର ନମୁନା ଛାଡ଼ି ଯାଇଛନ୍ତି । ପୁଣି ଏହି ଯୁଗରେ ତାଙ୍କର ସତ୍ୟ ଅନୁରକ୍ତ ତାହାକୁ ଖୋଲି ଆମ ନିକଟରେ ରଖି ଦେଇଛନ୍ତି ଏବଂ ତଦନୁଯାୟୀ ପାଳନ କରିବା ନିମନ୍ତେ ଆମର ଧ୍ୟାନ ଆକର୍ଷଣ କରିଛନ୍ତି ।

ହଜୁର ଅନଓ୍ୱର[ଅବ] କହିଲେ : 'ବର୍ତ୍ତମାନ ମୁଁ ବିଭିନ୍ନ ପରିସ୍ଥିତିରେ ପୁରୁଷମାନଙ୍କୁ ସେମାନଙ୍କ କର୍ତ୍ତବ୍ୟ ସମ୍ବନ୍ଧରେ କିଛି କହିବାକୁ ଚାହୁଁଛି । ପୁରୁଷ ଘରର ମୁଖ୍ୟ ହିସାବରେ, ସ୍ୱାମୀ ହିସାବରେ, ବାପ ହିସାବରେ ଓ ସନ୍ତାନ ଭାବରେ ନିଜର ଦାୟିତ୍ୱ ସୁଚାରୁ ରୂପେ ତୁଲାଇବା ତାହାର ପରମ କର୍ତ୍ତବ୍ୟ । ଯଦି ପ୍ରତ୍ୟେକ ପୁରୁଷ ଏ ସମସ୍ତ କର୍ତ୍ତବ୍ୟଗୁଡ଼ିକୁ ସଠିକ୍ ଭାବରେ ସମ୍ପାଦନ

କରିବାକୁ ଚେଷ୍ଟା କରନ୍ତି, ତେବେ ଆମ ପରିବେଶରେ ଶାନ୍ତି, ପ୍ରେମ ଓ ଭ୍ରାତୃଭାବର ବାତାବରଣ ବ୍ୟାପକ ରୂପେ ପ୍ରତିଷ୍ଠା କରିବାର ମାଧ୍ୟମ ହେବ । ଏହି କଥା ପିଲାମାନଙ୍କ ପ୍ରଶିକ୍ଷଣର ମାଧ୍ୟମ ସାଜି ଶାନ୍ତିପୂର୍ଣ୍ଣ ଓ ମାନବାଧିକାରର କର୍ତ୍ତବ୍ୟ ସମ୍ପାଦନକାରୀ ଏକାଧିକ ପିଢ଼ି ତିଆରି କରିବାର ସାଧନ ହୋଇପାରିବ । ଯଦ୍ଦ୍ୱାରା ଘରେ ଶାନ୍ତି ପ୍ରତିଷ୍ଠା ସମ୍ଭବ ହୋଇ ପାରିବ । ଆଜିକାଲି ଅନେକ ଘରୁ ଅଭିଯୋଗ ଆସୁଛି ଯେ ପୁରୁଷ ନା ନିଜ ପତ୍ନୀକୁ ମାନ ସମ୍ମାନ ଦେଉଛି ନା ତାହାର ଉଚିତ୍ କର୍ତ୍ତବ୍ୟ କରୁଛି । ପିଲାମାନଙ୍କ ଶିକ୍ଷା ଦିକ୍ଷା ଓ ପ୍ରଶିକ୍ଷଣ ପ୍ରତି ଯତ୍ନବାନ ହେଉ ନାହିଁ । କେବଳ ନାମକୁ ମାତ୍ର ଘରର ମୁରବି ବୋଲାଉଛି । ଏଭଳି ଅଭିଯୋଗ ଭାରତ ଓ ପାକିସ୍ତାନରୁ ଆସୁଅଛି ଯେ ସ୍ୱାମୀ ନିଜ ପତ୍ନୀକୁ ମାଡ ମାରି ଦେହକୁ ନେଳିଆ କରି ପକାଉଛି କେବେ ପୁଣି ମାଡର ଆଘାତରେ ସ୍ତ୍ରୀର ମୁହଁ ଫୁଲାଇ ଦେଉଛି ତ କେବେ ତାକୁ କ୍ଷତ ବିକ୍ଷତ କରି ଦେଉଛି । ଯଦି ଆମେ ହଜରତ ମସିହ ମଉଦ[ଅସ]ଙ୍କ ମାନ୍ୟତା ସ୍ୱୀକାର କରିବା ପରେ ମଧ୍ୟ ମୁର୍ଖ ଓ ଗାଁଉଲି ଲୋକମାନଙ୍କ ପରି କାର୍ଯ୍ୟ କରିବା, ତେବେ ଆମର ବୟତ କରିବା କୌଣସି ଫଳପ୍ରଦ ହେବ ନାହିଁ । ପୁରୁଷମାନଙ୍କ ଉପରେ ଯେଉଁ ଗୁରୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି ଯେ ସେମାନେ ଅଲ୍ଲାହ୍‌ଙ୍କ ପ୍ରତି ରହିଥିବା କର୍ତ୍ତ୍ୟବ କରିବେ ଓ ନିଜ କର୍ମକୁ ଉତ୍ତମ ରୂପେ ପାଳନ କରିବେ, ତେବେ ସେମାନେ କଣ ତାହା ଠିକ୍ ରୂପେ ତୁଲାଉଛନ୍ତି ? ଯଦି ସେମାନେ ତାହା ସଠିକ୍ ତୁଲାଉଥାନ୍ତେ, ତା'ହେଲେ ତାଙ୍କ ଘରେ କଦାପି ଅତ୍ୟାଚାର ହୁଅନ୍ତା ନାହିଁ ।

ହଜରତ ମୁହମ୍ମଦ[ସଅ] ଘରର ମୁରବି ହିସାବରେ ସର୍ବପ୍ରଥମେ ଏକେଶ୍ୱରବାଦ ପ୍ରତିଷ୍ଠାର ଗୁରୁତ୍ୱ ନିଜ ସ୍ତ୍ରୀ ଓ ପିଲାମାନଙ୍କ ମଧ୍ୟରେ ଉତ୍ପନ୍ନ କରି ଅମଳ କରାଇଲେ । କିନ୍ତୁ ଏହି କାର୍ଯ୍ୟ ମଧ୍ୟ ଅତ୍ୟନ୍ତ ପ୍ରେମ ଓ ଭଲ ପାଇବା ମାଧ୍ୟମରେ ସମ୍ପାଦନ କଲେ ନା କି ମାଡ଼ ମାରି ଲାଠି ଦ୍ୱାରା ଶାସନ କରି । ମୁହମ୍ମଦ[ସଅ] ବହୁତ କାର୍ଯ୍ୟ ବ୍ୟସ୍ତତା ସତ୍ତ୍ୱେ ନିଜ ଘରର ସଦସ୍ୟମାନଙ୍କ ପ୍ରତି ଅତ୍ୟନ୍ତ କୋମଳ ବ୍ୟବହାର ଦେଖାଉଥିଲେ । ପରିବାର ଲୋକଙ୍କୁ ଭଲ ପାଇବା ଓ ସହାନୁଭୂତି ଦ୍ୱାରା ନିଜର କର୍ତ୍ତବ୍ୟ ସମ୍ପାଦନ କରୁଥିଲେ ।

ସର୍ବପ୍ରଥମେ ମହାଭାଗ ସେମାନଙ୍କୁ ଅନୁଭବ କରାଇଲେ ଯେ ତୁମର କର୍ତ୍ତବ୍ୟ ହେଉଛି ଏକେଶ୍ୱରବାଦର ପ୍ରତିଷ୍ଠା ଓ ଅଲ୍ଲାଃଙ୍କ ଉପାସନା କରିବା । ସୁତରାଂ ହଜରତ ଆଏଶା[ରଅ] କହିଛନ୍ତି ଯେ ହଜୁର ରାତିରେ ନଫିଲ୍ ନମାଜ ପଢ଼ିବାକୁ ଉଠନ୍ତି । ପୁଣି ସକାଳର ନମାଜ ପାଠ କରିବାର କିଛି ସମୟ ପୂର୍ବରୁ ଆମକୁ ପାଣି ଛିଟା ମାରି ଉଠାଇ ଦିଅନ୍ତି ଯଦ୍ୱାରା ନଫିଲ୍ ପାଠ କରି ଅଲ୍ଲାଃଙ୍କ ପ୍ରତି ତୁମ କର୍ତ୍ତବ୍ୟ ସମ୍ପାଦନ କର ।

(ବୁଖାରି, କିତାବୁଲ ୱିତର, ହଦିସ୍ ନଂ-୯୯୭ ଓ ସୁନନ ଅବୁଦାଉଦ୍ କିତାବୁସ୍ ସଲାତ୍, କସ୍ଯାମୁଲ ଲୈଲେ ହଦିସ୍ ନଂ୧୩୦୮)

ପୁଣି ମହାଭାଗ ନିଜ ଘରର ଲୋକମାନଙ୍କ ପ୍ରତି ରହିଥିବା ନିଜର କର୍ତ୍ତବ୍ୟ କିପରି ସମ୍ପାଦନ କରୁଥିଲେ ? ସ୍ତ୍ରୀମାନଙ୍କ କାର୍ଯ୍ୟରେ ସେ ସହଯୋଗ କରୁଥିଲେ । ସୁତରାଂ ହଜ୍ରତ୍ ଆଏଶା[ରଅ] କହିଛନ୍ତି, ଯେତେ ସମୟ ମହାଭାଗ ଘରେ ରହୁଥିଲେ ସର୍ବଦା ଘରଲୋକଙ୍କ ସାହାଯ୍ୟ ଓ ସେବାରେ ଲାଗି ରହୁଥିଲେ । ଏପରିକି ମହାଭାଗଙ୍କୁ ନମାଜ ପାଇଁ ଡ଼କରା ଆସୁଥିଲା ଓ ଆପଣ ମସ୍‌ଜିଦ୍‌କୁ ଯାଉଥିଲେ । (ସହି ବୁଖାରୀ, କିତାବୁଲ୍ ଅଜାନ୍, ହସିଦ୍ ନଂ-୬୭୬) ତେଣୁ ଏହା ହେଉଛି ସେହି ଆଦର୍ଶ ଯାହାକୁ ଆମେ ଆପଣାଇବା ଉଚିତ ଓ ଆମକୁ ଆପଣାଇବାକୁ ପଡ଼ିବ ।

ହଜରତ ଆଏଶା[ରଅ] ମୁହମ୍ମଦ[ସଅ]ଙ୍କର ଘରକରଣା କାମର ବିସ୍ତାର ପୂର୍ବକ ଚର୍ଚ୍ଚା କରି କୁହନ୍ତି- 'ହଜୁର ନିଜ ପିନ୍ଧା ଜାମା ସିଲେଇ କରି ଦେଉଥିଲେ, ଜୋତାରେ ଟାଙ୍କା ମାରିବା, ବାସନ ମରାମତି ଆଦି କରି ଦେଉଥିଲେ । (ଉମ୍‌ଦତୁଲ୍ କାରୀ ଶରହ, ସହି ବୁଖାରି, ହଦିସ୍ ନଂ-୬୭୬) ଏହି ଆଦର୍ଶଗୁଡ଼ିକୁ ନିଜ ସମ୍ମୁଖରେ ରଖି ପ୍ରତ୍ୟେକ ସ୍ୱାମୀ ଆତ୍ମ ନିରୀକ୍ଷଣ କରିବା ଉଚିତ୍ । ଏକଦା ହଜରତ ମୁହମ୍ମଦ[ସଅ] କହିଥିଲେ ବିଶ୍ୱାସକାରୀମାନଙ୍କ ମଧ୍ୟରେ ଦୃଢ଼ ବିଶ୍ୱାସୀ ସେହି ବ୍ୟକ୍ତି ଯାହାର ଚରିତ୍ର ଉତ୍ତମ ହୋଇଥିବ । ତୁମମାନଙ୍କ ମଧ୍ୟରୁ ଚରିତ୍ର ଦୃଷ୍ଟିରୁ ସବୁଠାରୁ ଉତ୍ତମ ହେଉଛି ସେହି ବ୍ୟକ୍ତି, ଯିଏ ନିଜ ପତ୍ନୀମାନଙ୍କ ସହିତ ଉତ୍ତମ ବ୍ୟବହାର କରିଥାଏ । (ସୁନନ ତିରମିଜି, ହଦିସ୍ ନଂ-୧୧୬୨) ସୁତରାଂ ସେପରି ପ୍ରତ୍ୟେକ ପୁରୁଷ ଯିଏ ନିଜ ପତ୍ନୀମାନଙ୍କ

ସହିତ ଉତ୍ତମ ବ୍ୟବହାର ପ୍ରଦର୍ଶନ କରି ନଥାନ୍ତି, ସେମାନ ନିଜର ସମୀକ୍ଷା କରିବା ଉଚିତ୍ । କାରଣ ଏହା ହେଉଛି ବିଶ୍ୱାସର ସ୍ତରକୁ ବୃଦ୍ଧି କରିବାର ଚିହ୍ନ । ହଜରତ ମସିହ ମଉଦ[ଅସ] ପତ୍ନୀମାନଙ୍କ ପ୍ରତି କର୍ତ୍ତବ୍ୟ ସମ୍ପାଦନ କରିବା ତଥା ସେମାନଙ୍କ ସହିତ ଉତ୍ତମ ବ୍ୟବହାର କରିବା ସଂକ୍ରାନ୍ତରେ କହିଛନ୍ତି: 'ନାରୀମାନଙ୍କ ଅସଭ୍ୟ ଓ ଅଶ୍ଳୀଳ ଚରିତ୍ର ବ୍ୟତୀତ ସେମାନଙ୍କର ସମସ୍ତ ଦୋଷତ୍ରୁଟିକୁ ବରଦାସ୍ତ କରିନେବା ଉଚିତ୍ । ହଜୁର[ଅସ] କହିଛନ୍ତି ଆମକୁ ତ ଅତି ଲଜ୍ଜା ଲାଗେ ଯେ ପୁରୁଷ ହୋଇ ଜଣେ ଲୋକ ମହିଳାଙ୍କ ସହିତ ଝଗଡ଼ା କରିଥାନ୍ତି । ଆମକୁ ଅଲ୍ଲାଃତାଲା ପୁରୁଷ ଜନ୍ମ ଦେଇଛନ୍ତି । ବାସ୍ତବରେ ଆମ ଉପରେ ଅତ୍ୟନ୍ତ କୃପା କରାଯାଇଛି । ଏହାର ଧନ୍ୟବାଦ ସ୍ୱରୂପ ଆମକୁ ସ୍ତ୍ରୀମାନଙ୍କ ସହିତ ନମ୍ର ଓ ଉତ୍ତମ ବ୍ୟବହାର କରିବା ଉଚିତ୍ ।

ଥରେ ଜଣେ ବନ୍ଧୁଙ୍କ ବିଷୟରେ ହଜ୍‌ରତ୍ ମସିହ୍ ମଉଦ୍[ଅସ] ଶୁଣିଲେ ଯେ ସେ ବହୁତ କଠୋର ମନା ବ୍ୟକ୍ତି ଓ ନିଜ ସ୍ତ୍ରୀକୁ ସେ ଅଭଦ୍ର ଭାଷା କହନ୍ତି ତଥା ତାଙ୍କ ସହିତ ନିଷ୍ଠୁର ଆଚରଣ କରନ୍ତି । ହଜୁର୍[ଅସ] ଏହା ଶୁଣି ବହୁତ ଦୁଃଖିତ ହେଲେ ଓ କହିଲେ:-

'ଆମ ଲୋକଙ୍କୁ ଏପରି ହେବା ଉଚିତ୍ ନୁହେଁ' । ପୁଣି ଲେଖିଥିବା ବ୍ୟକ୍ତି କହିଛନ୍ତି ଯେ ଏହାପରେ ହଜୁର[ଅସ] ବହୁତ ସମୟ ପର୍ଯ୍ୟନ୍ତ ସ୍ତ୍ରୀମାନଙ୍କ ସହିତ ବ୍ୟବହାର ସମ୍ପର୍କୀୟ ବାର୍ତ୍ତାଳାପ କଲେ । ଶେଷରେ କହିଲେ 'ମୋର ଅବସ୍ଥା ଏପରି ଯେ ଥରେ ମୁଁ ମୋ ସ୍ତ୍ରୀଙ୍କୁ ଉଚ୍ଚ ସ୍ୱରରେ କିଛି କହିଥିଲି ଏବଂ ମୁଁ ଜାଣି ପାରୁଥିଲି ଯେ ଏଥିରେ ମୋ ମନର କିଛି କ୍ଷୋଭ ମିଶି ଯାଇଛି । ସେ ଅବସ୍ଥାରେ ଏପରି କୌଣସି ଶବ୍ଦ ମୁହଁରୁ ବାହାରି ନଥିଲା ଯାହା ମନକୁ କଷ୍ଟ ଦେବ । ତଥାପି କହିଲେ 'ଏ ଘଟଣା ପରେ ମୁଁ ବହୁତ ସମୟ ପର୍ଯ୍ୟନ୍ତ ଇସ୍ତେଗ୍‌ଫାର୍ (କ୍ଷମାଯାଚନା) କରିଥିଲି ଓ ବହୁତ ବିନମ୍ର ଓ ଭୟାତୁର ହୋଇ ନଫିଲ୍ ନମାଜ ପଢ଼ିଥିଲି । କିଛି ସଦ୍‌କା (ଗରିବଙ୍କୁ ଦାନ) ମଧ୍ୟ ଦେଇଥିଲି ଯେ ଏପରି ମୋର ରୁକ୍ଷ ସ୍ୱଭାବ ମୋ ସ୍ତ୍ରୀ ଉପରେ କୌଣସି ଲୁକାୟିତ ପାପର ଫଳ । (ମଲ୍‌ଫୁଜାତ, ଖଣ୍ଡ୨, ପୃଷ୍ଠା୧-୨, ପ୍ରକାଶନ ୧୯୮୫)

ସୁତରାଂ ଏହା ହେଉଛି ମହାମାନ୍ୟଙ୍କର ନମୁନା । ପୁଣି ଜଣେ ବନ୍ଧୁଙ୍କର କଠୋରତା ଦେଖି ସେ ବଡ଼ କଷ୍ଟ ଅନୁଭବ କଲେ । ପୁଣି ଉପଦେଶ ଛଳରେ ହଜୁର ଅନଓ୍ୱର[ଅବ] କହିଲେ: ସେହିଲୋକ ଯେଉଁମାନେ ନିଜ ପତ୍ନୀମାନଙ୍କ ସହିତ ଛୋଟ ଛୋଟ କଥାରେ କଳି, ଝଗଡ଼ା କରି ମାଡ଼ ମାରିବା ପାଇଁ ହାତ ଉଠାଇଥାନ୍ତି ସେମାନଙ୍କୁ ଏ ବିଷୟରେ ଚିନ୍ତା କରିବା ଉଚିତ୍ । ହାତ ଉଠାଇବା କଥା ଛାଡ଼ନ୍ତୁ, ଏହାତ ଅଲଗା କଥା । ଯେପରି ମୁଁ କହିଲି ସେମାନାଙ୍କୁ ଆହତ ମଧ୍ୟ କରି ଦେଇଛନ୍ତି । ସେମାନଙ୍କ ପାଇଁ ବହୁତ ଅନୁଶୋଚନା କରିବାର ବିଷୟ । ମୁହମ୍ମଦ[ସଅ]ଙ୍କ କହିବା ଅନୁଯାୟୀ ସେମାନଙ୍କ ଧର୍ମ ଉପରେ ବିଶ୍ୱାସ ଅସମ୍ପୂର୍ଣ୍ଣ । ସେମାନଙ୍କୁ ନିଜ ଇମାନ୍‌କୁ ବଂଚାଇବା ପାଇଁ ଚିନ୍ତା କରିବାକୁ ପଡ଼ିବ । ମୁହମ୍ମଦ[ସଅ]ଙ୍କର ଏ ବିଷୟରେ ଯେଉଁ ଉପଦେଶ ଥିଲା, ସେଥିପାଇଁ ହଜ୍‌ରତ୍ ମସିହ୍ ମଉଦ୍[ଅସ]ଙ୍କୁ ମଧ୍ୟ ଏହି ଚିନ୍ତା ଘାରିଲା ଯେ ଯାହାଙ୍କ ଇମାନ୍‌ରେ ସେହି ଉଚ୍ଚତମ ସ୍ତର ନାହିଁ, ସେ ଅନେକ ସ୍ଥାନରେ ଠୋକର୍ ଖାଇଯିବ । ଯେଉଁଳି ମୁଁ କହି ଆସିଛି ଏସବୁ ଛୋଟ ଦିଶୁଥିବା କଥା ପ୍ରକୃତରେ ଛୋଟ ନୁହେଁ । ସେହି ଦେଶଗୁଡ଼ିକରେ ତ ପୋଲିସ୍ ପର୍ଯ୍ୟନ୍ତ କଥା ଚାଲିଯାଉଛି ଏବଂ ଜମାଅତ ବଦ୍‌ନାମ ମଧ୍ୟ ହେଉଛି । ଏପରି ଲୋକ ସାଂସାରିକ ଦଣ୍ଡ ଭୋଗିବା ସହିତ ଅଲ୍ଲାଃତାଲାଙ୍କ ମଧ୍ୟ ଅପ୍ରିୟ ହୋଇଥାନ୍ତି । କେତେକ ପୁରୁଷ କହିଥାନ୍ତି ଯେ ସ୍ତ୍ରୀ ମଧ୍ୟରେ ଅମୁକ ଦୋଷ ଥିବା ହେତୁ ଆମେ କଠୋରତା ଅବଲମ୍ବନ କରିଥାଉ । ଏହି ପରିପ୍ରେକ୍ଷୀରେ ପୁରୁଷମାନଙ୍କୁ ସର୍ବ ପ୍ରଥମେ ନିଜର ନିରୀକ୍ଷଣ କରିବା ଉଚିତ୍ ଯେ କ'ଣ ସେମାନେ ନଜେ ଧାର୍ମିକ ସ୍ତରରେ ସବୁ କାମ ଠିକ୍ ଠିକ୍ କରୁଛନ୍ତି ? ହଜରତ ମସିହ ମଉଦ[ଅସ] ଏପରି ପୁରୁଷମାନଙ୍କୁ ଉପଦେଶ ପୂର୍ବକ କହିଛନ୍ତି ଯଦି ପୁରୁଷ ସୁଶୀଳ ନହୁଏ, ତେବେ ମହିଳା କିଭଳି ସୁଶୀଳ ହେବ । ଏଥି ନିମନ୍ତେ ସର୍ବ ପ୍ରଥମ ସର୍ତ୍ତ ପୁରୁଷର ଚରିତ୍ର ଉତ୍ତମ ହେବା ଉଚିତ, ତେବେଯାଇ ତାହାର ପତ୍ନୀ ସୁଶୀଳା ହେବ । କେବଳ କଥାରେ ମହିଳାମାନଙ୍କୁ ଉପଦେଶ ଦିଅ ନାହିଁ, ବରଂ ନିଜର ଉତ୍ତମ ବ୍ୟବହାର ଦ୍ୱାରା ଉପଦେଶ

ଦେଲେ ତାହା ସେମାନଙ୍କୁ ଅଧିକ ପ୍ରଭାବିତ କରିପାରିବ । କେବଳ କଥାଦ୍ୱାରା ଉପଦେଶ ଦିଅନାହିଁ । କେବଳ ତାଗିଦ୍ କରନାହିଁ ବରଂ ନିଜ ସତକର୍ମ ଦ୍ୱାରା ପ୍ରମାଣ କରି ଦେଖାଅ ଯେ ତୁମେ ନିଜେ ପୁଣ୍ୟବାନ ଓ ତୁମର ପ୍ରତ୍ୟେକ ପାଦ ଅଲ୍ଲାହ୍‌ଙ୍କ ନିର୍ଦ୍ଦେଶ ମୁତାବକ ଆଗକୁ ବଢୁଥିବ । ଏପରି କର୍ମ ଦ୍ୱାରା ତୁମେ ତାଙ୍କୁ ଯେଉଁ ଉପଦେଶ ହେବ ତାର ଭଲ ପ୍ରଭାବ ନିଶ୍ଚିତ ପଡ଼ିଥାଏ ।

ପୁଣି କହିଲେ 'ସ୍ତ୍ରୀ ଲୋକମାନଙ୍କୁ ଛାଡ଼ିଲେ ଆଉ କିଏ ଅଛି ଯେ ସେ କେବଳ ତୁମ କଥାକୁ ମାନିବ ? ଅର୍ଥାତ୍ ତୁମ କଥାକୁ କେହି ମାନିବେ ନାହିଁ ଯେ ପର୍ଯ୍ୟନ୍ତ ନିଜେ ତା'ଉପରେ ଅମଳ ନ କରିଛ । ଯଦି ପୁରୁଷ ଭିତରେ କୌଣସି ଦୋଷ ଦୁର୍ବଳତା ଥାଏ ତେବେ ସ୍ତ୍ରୀ ସବୁବେଳେ ତାହା ଦେଖୁଥାଏ ।' ସେ ଆହୁରି କହିଛନ୍ତି ଯେଉଁ ବ୍ୟକ୍ତି ସ୍ୱୟଂ ଅଲ୍ଲାହ୍‌ତାଲାଙ୍କୁ ଭୟ କରେ ନାହିଁ ତାହାର ପତ୍ନୀ କିଭଳି ଭୟ କରିବ ?  ଯଦି ସ୍ୱାମୀ ରାତିରେ ଉଠି ଦୁଆ କରେ, ନମାଜରେ ଲୁହ ଗଡାଏ, ତାହାର ପତ୍ନୀ ଦିନେ ଦୁଇ ଦିନ ଦେଖିବ ଓ ଶେଷରେ ସେ ମଧ୍ୟ ଚିନ୍ତା କରିବ ଓ ଏହା ଦ୍ୱାରା ନିଶ୍ଚିତ ରୂପେ ପ୍ରଭାବିତ ହେବ ।  ମହିଳାମାନଙ୍କ ମଧ୍ୟରେ ପ୍ରଭାବିତ ହେବାର ପ୍ରବୃତ୍ତି ଅଧିକ ଥାଏ । ସେମାନଙ୍କ ସୁଧାର ନିମନ୍ତେ କୌଣସି ମଦ୍ରସାର ଶିକ୍ଷା ମଧ୍ୟ ସଫଳ ହୋଇ ନଥାଏ, ଯେମିତି ସ୍ୱାମୀଙ୍କ ଆଚରଣ ସେମାନଙ୍କୁ ପ୍ରଭାବିତ କରିଥାଏ । ପୁରୁଷମାନଙ୍କ ଅତ୍ୟାଚାର ଯୋଗୁଁ ମହିଳାମାନଙ୍କୁ ସୁଯୋଗ ମିଳି ଯାଇଥାଏ ଯେ ସେମାନେ ତାଙ୍କର ଦୋଷ ଦୁର୍ବଳତା ଧରିବା ଆରମ୍ଭ କରି ଦେଇଥାନ୍ତି । ପୁରୁଷମାନଙ୍କୁ ଏହା ଆବଶ୍ୟକ ଯେ ସେମାନେ କଦାପି ମହିଳାମାନଙ୍କୁ ଏଭଳି ସୁଯୋଗ ଦିଅନ୍ତୁ ନାହିଁ, ଯେପରିକି ସେମାନେ ଏହା କହିବାକୁ ସାହାସ କରିବେ ଯେ, ମୋର ସ୍ୱାମୀ ଅମୁକ ଅପକର୍ମରେ ଜଡ଼ିତ । ମହିଳାମାନେ ନିଜର ମଥା ରଗଡ଼ି ଥକି ପଡ଼ିଲେ ସୁଦ୍ଧା ନିଜ ସ୍ୱାମୀଙ୍କର ଯଦି କୌଣସି ଭୂଲର ସୁରାଗ ପାଇବେ ନାହିଁ, ତେବେଯାଇ ତାହାର ଧ୍ୟାନ ଧର୍ମ ପାଳନ ପ୍ରତି କେନ୍ଦ୍ରିତ ହେବ ଓ ସେ ଧର୍ମକୁ ବୁଝିବାକୁ ଚେଷ୍ଟା କରିବ । (ମଲ୍‌ଫୂଜାତ୍, ଖଣ୍ଡ୫, ପୃଷ୍ଠା୨୦୭-୨୦୮) ହଜୁର ଅନଓ୍ୱର[ଅବ] କହିଲେ: 'ଯେତେବେଳେ

ଏପରି ଅବସ୍ଥା ଦେଖାଦିଏ ଯେ ଖୋଜିବା ପରେ ମଧ୍ୟ ପୁରୁଷଙ୍କ ଠାରେ କୌଣସି ଦୋଷ ତ୍ରୁଟି ନ ମିଳିବ, ତେବେ ମହିଳା ଧର୍ମପରାୟଣା ହୋଇ ନଥିଲେ ସୁଦ୍ଧା ଧର୍ମ ପ୍ରତି ନିଶ୍ଚିତ ଭାବେ ତାର ଧ୍ୟାନ ଯିବ । ଏଠାରେ ତ ମୁଁ ଦେଖୁଛି ଯେ ସ୍ତ୍ରୀ ଲୋକମାନେ ଅଧିକ ଧର୍ମପରାୟଣା । ବେଳେବେଳେ ସେମାନେ ଅଭିଯୋଗ କରିଥାନ୍ତି ଯେ ତାଙ୍କ ସ୍ୱାମୀମାନେ ଧର୍ମପ୍ରତି ଧ୍ୟାନ ଦେଉ ନାହାନ୍ତି ।'

ହଜୁର ଅନଓ୍ୱର[ଅବ] କହିଲେ : 'ଏକ ପକ୍ଷେ ହଜରତ ମସିହ ମଉଦ[ଅସ] ନିଜର ବୟତ କରିଥିବା ପୁରୁଷମାନଙ୍କ ଠାରୁ ଏହି ଆଶା ବାନ୍ଧିଛନ୍ତି, ଅନ୍ୟ ପକ୍ଷେ ଆମେ ଦେଖୁଛେ ଯେ ଅନେକ ପୁରୁଷଙ୍କ ପତ୍ନୀମାନେ ଏହି ଅଭିଯୋଗ ନେଇ ଆସିଥାନ୍ତି ଯେ ସେମାନେ ନମାଜ ପାଠ କରିବାରେ ଅବହେଳା କରୁଛନ୍ତି । ଜମାଅତ ସହିତ ନମାଜ ପାଠ କରିବା ତ ଦୂରେ ଥାଉ ଘରେ ମଧ୍ୟ ନମାଜ ପଢୁ ନାହାନ୍ତି । ସେମାନଙ୍କର ଧାର୍ମିକ ଜ୍ଞାନ ଖୁବ୍ କମ ରହିଛି, ଚାନ୍ଦା ଦେବାରେ ଖୁବ୍ ଦୁର୍ବଳ । ପୁଣି ଟିଭିରେ ଅଶ୍ଳୀଳ ଓ ଅଯଥା କାର୍ଯ୍ୟକ୍ରମ ଦେଖୁଥିବାର ପୁରୁଷମାନଙ୍କର ଅଭିଯୋଗ ଆସୁଛି । ପିଲାମାନଙ୍କୁ ଚାରିତ୍ରିକ ବିକାଶ ପାଇଁ ପ୍ରଶିକ୍ଷଣ ଦେବାରେ ପୁରୁଷମାନଙ୍କ ଅବହେଳା ଏବଂ କେତେବେଳେ ଯଦି ଘରର ମୁଖ୍ୟ ହିସାବରେ କଦାଚିତ ପିଲାମାନଙ୍କୁ ଶାସନ କରନ୍ତି, ତେବେ କେବଳ ବିରକ୍ତ ହେବା ଓ ମାରିବା ଛଡ଼ା ଅନ୍ୟ କିଛି କରି ନଥାନ୍ତି ବୋଲି ଅଭିଯୋଗ ମିଳୁଛି । ମହିଳାମାନେ ପୁରୁଷମାନଙ୍କ ଠାରୁ ଶିକ୍ଷା ହାସଲ କରିବା ପରିବର୍ତ୍ତେ ଅନେକ ଘରେ ମହିଳାମାନେ ପୁରୁଷମାନଙ୍କୁ ଶିକ୍ଷା ଦେବା ପାଇଁ ଧ୍ୟାନ ଦେଇଥାନ୍ତି, ଯେପରି ପିଲାମାନେ ଖରାପ ହୋଇ ନଯାନ୍ତୁ । ଯେଉଁ ଘରେ ପିଲାମାନେ ପ୍ରଶିକ୍ଷଣ ଶୂନ୍ୟ ହୋଇଥାନ୍ତି, ସେହି ଘରମାନଙ୍କରେ ସାଧାରଣତଃ ପୁରୁଷମାନଙ୍କର ଅବହେଳା କିମ୍ବା ସ୍ତ୍ରୀ ପିଲାମାନଙ୍କ ଉପରେ ଅକାରଣରେ ପୁରୁଷମାନଙ୍କର ନିଷ୍ଠୁର ଆଚରଣ କରିବା ମୁଖ୍ୟ କାରଣ । ଅନେକ ଥର ପିଲାମାନେ ମଧ୍ୟ ଆସି ମୋ ନିକଟରେ ଅଭିଯୋଗ କରିଥାନ୍ତି ଯେ ଆମ ବାପାଙ୍କର ଆମ ସହିତ ଓ ଆମ ମାଆଙ୍କ ସହିତ ବ୍ୟବହାର ଠିକ୍

ନାହିଁ । ସୁତରାଂ ଯଦି ନିଜ ଘରକୁ ଶାନ୍ତି ଓ ସୁଖମୟ କରିବାର ଅଛି ତଥା ଆଗାମୀ ପିଢୀର ସଠିକ୍ ପ୍ରଶିକ୍ଷଣ କରିବାର ଅଛି ଓ ସେମାନଙ୍କୁ ଧର୍ମ ସହିତ ଯୋଡ଼ି ରଖିବାର ଅଛି, ତେବେ ପୁରୁଷମାନଙ୍କୁ ନିଜ ଅବସ୍ଥା ପ୍ରତି ଧ୍ୟାନ ଦେବାକୁ ହେବ । ହଜରତ ମସିହ ମଉଦ[ଅସ] ପୁରୁଷମାନଙ୍କ ଧ୍ୟାନ ଆକର୍ଷିତ କରି କହିଛନ୍ତି: 'ପୁରୁଷ ନିଜ ଘରର ଇମାମ (ଅଧିନାୟକ) । ଯଦି ସେ ନିଜର ଖରାପ ନମୁନା ପ୍ରଦର୍ଶନ କରେ, ତେବେ ଅନ୍ୟମାନଙ୍କ ଉପରେ ତାହାର କିଭଳି କୁପ୍ରଭାବ ପଡ଼ିବାର ଆଶଙ୍କା ରହିଛି ତାହା ଭାବି ଦେଖ । ତେଣୁ ପୁରୁଷମାନଙ୍କୁ ଆବଶ୍ୟକ ଯେ ନିଜ କ୍ଷମତାର ସଦୁପଯୋଗ କରନ୍ତୁ ଓ ନିଜ ଶକ୍ତିର ଉଚିତ୍ ସମୟରେ ଉଚିତ୍ ରୂପରେ କାର୍ଯ୍ୟକାରୀ କରନ୍ତୁ । ଉଦାହରଣ ସ୍ୱରୂପ ମନର କ୍ରୋଧ, ଯେତେବେଳେ ତାହା ଅତ୍ୟଧିକ ହୁଏ, ସେତେବେଳେ ତାହା ପାଗଳାମିର ନିକଟବର୍ତ୍ତୀ ହୋଇଯାଇଥାଏ । ସେ କୁହନ୍ତି ଅତ୍ୟନ୍ତ କ୍ରୋଧିତ ବ୍ୟକ୍ତି ଠାରୁ ଜ୍ଞାନ ରୂପକ ଶକ୍ତି ଛଡ଼ାଇ ନିଆଯାଏ । ସୁତରାଂ ଯଦି କେହି ତୁମର ବିରୋଧ ମଧ୍ୟ କରେ, ତଥାପି ତାହା ସହିତ କ୍ରୋଧିତ ହୋଇ କଥାବାର୍ତ୍ତା କରିବା ଉଚିତ୍ ନୁହେଁ ।

(ମଲ୍‌ଫୂଜାତ୍, ଖଣ୍ଡ ୫, ପୃଷ୍ଠା୨୦୮)

ହଜୁର ଅନଓ୍ୱର[ଅବ] କହିଛନ୍ତି : ଏହା ହେଉଛି ଆମ ନୈତିକତାର ସ୍ତର । ଘରେ ସ୍ତ୍ରୀ ପିଲାମାନଙ୍କ ଉପରେ ବିରକ୍ତ ହେବା ତ ଦୂରେ ଥାଉ ଯଦି କେହି ଆମର ବିରୋଧ ମଧ୍ୟ କରେ, ତେବେ ମଧ୍ୟ କ୍ରୋଧରେ ବିଚଳିତ ଓ ସଂଜ୍ଞାହୀନ ହୋଇ ବାଚଳାମୀ କଥାବାର୍ତ୍ତା କରିବାର ନାହିଁ । ବିରୋଧିଙ୍କ କଥାକୁ ରଦ୍ଦ କରିବା ପାଇଁ ମଧ୍ୟ ସେମାନଙ୍କ ତୁଣ୍ଡରୁ ଏପରି କୌଣସି ଭୁଲ ବା ରୋଷପୂର୍ଣ୍ଣ ଭାଷା ବାହାରିବା ଉଚିତ୍ ନୁହେଁ । ଯେପରି ମୁଁ ପ୍ରଥମରୁ କହିସାରିଛି ଯେ ହିନ୍ଦୁସ୍ତାନ ଓ ପାକିସ୍ତାନ୍‌ର ସ୍ତ୍ରୀ ଲୋକମାନେ ମୋତେ ଲେଖୁଛନ୍ତି ଯେ ସେମାନଙ୍କ ସ୍ୱାମୀମାନେ ତାଙ୍କ ଉପରେ ଅତ୍ୟାଚାର କରୁଛନ୍ତି । ହଜୁର ଅନଓ୍ୱର[ଅବ] କହିଲେ- କାଦିୟାନ୍ ଓ ପାକିସ୍ତାନ୍‌ର ନଜାରତ ଇସଲାହ ଓ ଇରଶାଦ ତଥା ଜମାଅତର ସହାୟକ ସଂଗଠନ (ଜେଲି ତନଜିମ)ଗୁଡ଼ିକୁ

ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ । ଅନ୍ୟାନ୍ୟ ଦେଶମାନଙ୍କରେ ମଧ୍ୟ ପିଲାମାନଙ୍କର ପ୍ରଶିକ୍ଷଣ ମୂଳକ କାର୍ଯ୍ୟକ୍ରମ ପ୍ରତି ଅଧିକ ଧ୍ୟାନ ଦେବା ଉଚିତ୍ । ଯଦି କେହି ଧର୍ମ ପ୍ରଚାର କରିବା ସହିତ ଧାର୍ମିକ ଶିକ୍ଷା ହାସଲ କରୁଛନ୍ତି, ଅଥଚ ନିଜ ଘରେ ହିଁ ଅଶାନ୍ତି ଲାଗି ରହିଛି, ତେବେ ଧର୍ମ ପ୍ରଚାର କରିବା କୌଣସି ଫଳପ୍ରଦ ହୋଇନଥାଏ । ସ୍ତ୍ରୀମାନଙ୍କ ମନୋଭାବ, ଚାଲିଚଳଣ ଓ ସେମାନେ କିପରି ପୁରୁଷମାନଙ୍କୁ ଦେଖନ୍ତି, ସେ ସମ୍ବନ୍ଧରେ ହଜ୍‌ରତ୍ ମସିହ୍ ମଉଦ୍[ଅସ] ବର୍ଣ୍ଣନା କରି କହିଛନ୍ତି: 'ସ୍ତ୍ରୀମାନେ ପୁରୁଷଙ୍କ ସମସ୍ତ ଆଚରଣକୁ ଓ ଗୁଣକୁ ଦେଖୁଥାନ୍ତି । ସେମାନେ ଦେଖୁଥାନ୍ତି ଯେ ମୋ ସ୍ୱାମୀ ପାଖରେ ଅମୁକ ଅମୁକ ଭଲ ଗୁଣମାନ ଓ ତକ୍‌ୱା ଅଛି । ଯେପରି ବଦାନ୍ୟତା, ସହନଶୀଳତା ଓ ଧୈର୍ଯ୍ୟ ଇତ୍ୟାଦି । ଏହିସବୁ ଗୁଣଗୁଡିକ ସ୍ତ୍ରୀମାନଙ୍କୁ ଭଲ ରୂପେ ପରଖିବାର ଅବସର ମିଳିଥାଏ, ଅନ୍ୟ କାହାକୁ ନୁହେଁ (କାରଣ ଘରେ ସବୁଦିନ ଦେଖୁଥାନ୍ତି) । ଏଥିପାଇଁ ସ୍ତ୍ରୀମାନଙ୍କୁ ସାରିକ୍ ଅର୍ଥାତ୍ ଚୋରଣି କୁହାଯାଇଥାଏ । କାରଣ ସେମାନେ ଭିତରେ ଭିତରେ ବ୍ୟକ୍ତି ଚରିତ୍ରକୁ ଚୋରାଇ ନିଅନ୍ତି । ଏପରିକି ଏମିତି ମଧ୍ୟ ବେଳ ଆସେ ସେମାନେ ପୁରା ଚରିତ୍ରକୁ ହାସଲ କରି ନିଅନ୍ତି । ଥରେ ଜଣେ ବ୍ୟକ୍ତି ଖ୍ରୀଷ୍ଟ ଧର୍ମ ଗ୍ରହଣ କରିନେଲା (ଇସ୍‌ଲାମ୍‌କୁ ଛାଡ଼ିଦେଲା) ତା ସହିତ ସ୍ତ୍ରୀ ମଧ୍ୟ ଖ୍ରୀଷ୍ଟିୟାନ ହୋଇଗଲା । ସେ ଧିରେ ଧିରେ ମଦ ପିଇବା ଆରମ୍ଭ କଲା ଓ ପର୍ଦା କରିବା ମଧ୍ୟ ଛାଡ଼ିଦେଲା । ପର ପୁରୁଷଙ୍କ ସହିତ ମିଳାମିଶା ଆରମ୍ଭ କରିଦେଲା । ତା ସ୍ୱାମୀ ପୁଣି ଇସ୍‌ଲାମ୍ ଆଡ଼କୁ ଆସିଲା (କିଛି ଦିନ ପରେ ସ୍ୱାମୀ ଅନୁତାପ କଲା ଯେ ଇସ୍‌ଲାମ୍‌କୁ ଛାଡ଼ି ବହୁତ ଭୁଲ୍ ହୋଇଛି, ତେଣୁ ସେ ପୁଣି ଇସ୍‌ଲାମ୍ ଆଡ଼କୁ ଢ଼ଳିଲା) । ତା'ପରେ ସେ ତା ସ୍ତ୍ରୀକୁ କହିଲା 'ମୁଁ ବର୍ତ୍ତମାନ ମୁସଲ୍‌ମାନ୍ ହୋଇଗଲି, ତୁମେ ମଧ୍ୟ ମୁସଲ୍‌ମାନ୍ ହୋଇଯାଅ ।' ସ୍ତ୍ରୀ ଉତ୍ତର ଦେଲା 'ଏବେ ମୋ ପକ୍ଷେ ଇସ୍‌ଲାମ୍ ଗ୍ରହଣ କରିବା କଷ୍ଟକର । ମଦ ପିଇବା ଓ ସ୍ୱାଧିନ ବେପରୁଆ ମନୋଭାବର ଯେଉଁ ଅଭ୍ୟାସ ପଡ଼ିଯାଇଛି ତାହା ଆଉ ଛାଡ଼ି ହେବ ନାହିଁ ।'

(ମଲ୍‌ଫୂଜାତ୍, ଖଣ୍ଡ ୬, ପୃଷ୍ଠା୨୦୮-୨୦୯)

ଏଠାରେ ତ ପୁରୁଷ ଇସ୍‌ଲାମ୍‌ରୁ ଦୁରେଇ ଯାଇ ଇସାଇ ଧର୍ମ ଗ୍ରହଣ କରିନେଲା । କିନ୍ତୁ ବହୁତ ପୁରୁଷ ଏପରି ଅଛନ୍ତି, ଯେଉଁମାନେ ଇସ୍‌ଲାମ୍‌କୁ ଛାଡୁନାହାନ୍ତି, କିନ୍ତୁ ନାମକୁ ମାତ୍ର ମୁସଲ୍‌ମାନ୍ ଅଟନ୍ତି । ସେମାନେ ନିଜକୁ ମୁସଲ୍‌ମାନ କହୁଛନ୍ତି ସତ, କିନ୍ତୁ ସ୍ୱାଧିନତା ନାରେ ବହୁତ ଖରାପ କାମ କରୁଛନ୍ତି । ସେମାନଙ୍କ ଦେଖାଦେଖି ସ୍ତ୍ରୀମାନେ ମଧ୍ୟ ସ୍ୱାଧିନତାର ଆଳରେ ତାଙ୍କ ସହିତ ହାତରେ ହାତ ମିଳାଇ ଚାଲୁଛନ୍ତି । ପୁଣି କିଛି ଦିନ ପରେ ପୁରୁଷମାନେ ମନେ କରୁଛନ୍ତି ଯେ ସ୍ତ୍ରୀମାନେ ଅଧିକ ସ୍ୱାଧିନତା ପାଇଗଲେଣି । ଯେତେବେଳେ ସେମାନେ ସ୍ତ୍ରୀମାନଙ୍କ ମୁକ୍ତ ଓ ଅବାଧ ଚିନ୍ତାଧାରା ସମ୍ପନ୍ନ ସ୍ୱାଧିନତାରୁ ଫେରାଇ ଆଣିବା ପାଇଁ ଚାହୁଁଛନ୍ତି, ସେତେବେଳେ ଝଗଡ଼ା ହୋଇଥାଏ ଓ ମାଡ଼ପିଟି ପର୍ଯ୍ୟନ୍ତ କଥା ପହଂଚେ । ଏଠାରେ ସେହି ସବୁ କାହାଣୀ ଓ ଘଟଣାମାନ ଘଟୁଛି । ଯେପରି ମୁଁ କହିଛି ଯେ ସେହି ଦେଶମାନଙ୍କରେ ପୁଲିସ୍ ମଧ୍ୟ ମଝିରେ ପଶିଥାଏ । ସ୍ତ୍ରୀ ଓ ପିଲାମାନଙ୍କ ମୌଳିକ ଅଧିକାର ପ୍ରଦାନ କରିବା ପାଇଁ ଯେଉଁ ଅନୁଷ୍ଠାନମାନ ରହିଛି, ସେମାନେ ମଧ୍ୟ ଆସିଯାଆନ୍ତି । ଫଳତଃ ଘର ଭାଙ୍ଗିଯାଏ ଓ ପିଲାମାନେ ନଷ୍ଟ ଭ୍ରଷ୍ଟ ହୋଇ ଯାଆନ୍ତି ।

ହଜୁର ଅନଓ୍ୱର[ଅବ] କହିଛନ୍ତି : 'ତେଣୁ ଘର ଭାଙ୍ଗିବା ଓ ପିଲାମାନେ ବରବାଦ ହେବା ପୂର୍ବରୁ ଏପରି ପୁରୁଷମାନଙ୍କୁ ନିଜ ଦାୟୀତ୍ୱ ପ୍ରତି ସଚେତନ ହେବା ଉଚିତ୍ ଯେ ନିଜ ପିଲାମାନଙ୍କୁ ଧର୍ମପରାୟଣ ଦେଖିବାକୁ ଯଦି ଇଚ୍ଛୁକ, ଯେଉଁ ଦାୟୀତ୍ୱ ଇସଲାମ ସେମାନଙ୍କ ଉପରେ ନ୍ୟସ୍ତ କରିଛି , ମହିଳାମାନଙ୍କ ପାଇଁ କର୍ତ୍ତବ୍ୟ ସମ୍ପାଦନ ଓ ସେମାନଙ୍କ ସହିତ ଉତ୍ତମ ଆଚରଣ କରିବା ସମ୍ବନ୍ଧରେ ହଜରତ ମସିହ ମଉଦ[ଅସ] ଏକଦା କହିଥିଲେ 'ଇସଲାମ ଯେଭଳି ମହିଳାମାନଙ୍କୁ ସୁରକ୍ଷା ପ୍ରଦାନ କରିଛି ତାହା ଅନ୍ୟ କୌଣସି ଧର୍ମ କରିନାହିଁ ।' ଦେଖ କିଭଳି ସଂକ୍ଷିପ୍ତ ଭାଷାରେ କହିଦେଲେ

وَلَهُنَّ مِثْلُ الَّذِيْ عَلَيْهِنَّ

**ଓଲହୁନ୍ନା ମିସ୍‌ଲୁଲ୍ ଲଜି ଆଲୈହିନ୍ନା** (ଅଲ୍ ବକ୍‌ରା ୨୨୯)

ଅର୍ଥାତ 'ଯେଭଳି ପୁରୁଷମାନଙ୍କର ମହିଳାମାନଙ୍କ ଉପରେ ଅଧିକାର ରହିଛି, ସେହିପରି ମହିଳାମାନଙ୍କର ମଧ୍ୟ ପୁରୁଷମାନଙ୍କ ଉପରେ ଅଧିକାର ରହିଛି ।' ପୁଣି କହିଥିଲେ 'କିଛି ଲୋକଙ୍କ କଥା ଶୁଣିବାକୁ ମିଳୁଛି ଯେ ସେମାନେ ତାଙ୍କ ସ୍ତ୍ରୀମାନଙ୍କୁ ପାଦର ଜୋତା ସଦୃଶ ମଣୁଛନ୍ତି ଏବଂ ସ୍ତ୍ରୀମାନଙ୍କୁ ହୀନ ଦୃଷ୍ଟିରେ ଦେଖୁଛନ୍ତି ଓ ସେମାନଙ୍କ ଠାରୁ ନିକୃଷ୍ଟ ସେବା ନେଉଛନ୍ତି, ଗାଳି ଦେଉଛନ୍ତି, ଘୃଣା କରୁଛନ୍ତି ଓ ପର୍ଦାର ନିର୍ଦ୍ଦେଶକୁ ଏପରି ଅନୁଚିତ ରୂପେ ବ୍ୟବହାର କରାଉଛନ୍ତି ଯେ ସେତେ ଯେପରି ତାଙ୍କୁ ଜୀଅନ୍ତା ମାଟିରେ ପୋତି ଦେଉଛନ୍ତି । ଅର୍ଥାତ୍ ହାତ, ମୁହଁ ଇତ୍ୟାଦି ଘୋଡ଼ାଇ ରଖିବା ପାଇଁ ଏପରି କଠୋର ହେଉଛନ୍ତି ଯେ ନାରୀମାନେ ନିଃଶ୍ୱାସ ପ୍ରଶ୍ୱାସ ନେବା କଷ୍ଟକର ହୋଇପଡୁଛି । ତେଣୁ ଏପରି ରୁକ୍ଷ ଭାବ ପୋଷଣ କରିବା ଓ କ୍ରୁରତା ଦେଖାଇବା ଅନୁଚିତ୍ । ବାସ୍ତବରେ ଇସ୍‌ଲାମ୍ ଏକ ନ୍ୟାୟିକ ଧର୍ମ । ଅନ୍ୟପକ୍ଷେ ସ୍ତ୍ରୀମାନଙ୍କୁ ମଧ୍ୟ ସମାନ ଆଚରଣ କରିବା ଅବଶ୍ୟକ । ଏହା ନ ହେଉ ଯେ ସ୍ୱାଧିନତା ନାମରେ ଆବଶ୍ୟକତା ଠାରୁ ଅଧିକ ଉଗ୍ର ସ୍ୱାଧୀନତା ହାସଲ କରନ୍ତୁ । କେତେକ ସ୍ତ୍ରୀଲୋକଙ୍କ ଠାରେ ଅନାବଶ୍ୟକ ଠାଣି ଓ ମୁକ୍ତ ହାବଭାବ ଦେଖା ଯାଉଛି । ସେମାନେ ଦିନକୁ ଦିନ ଅବାଧ୍ୟ ଓ ଅସଂଯମୀ ହୋଇ ଯାଉଛନ୍ତି । କେବଳ ନାମକୁ ମାତ୍ର ପର୍ଦା କରୁଛନ୍ତି । ତେଣୁ ଏପରି ଅବାଧ ଓ ମୁକ୍ତ ବିଚାରଧାରା ଠିକ୍ ନୁହେଁ । ସେଥିପାଇଁ ସ୍ତ୍ରୀମାନେ ମନେ ରଖନ୍ତୁ ଯେ ମୁଣ୍ଡ ଓ ଦେହକୁ ଲଜ୍ଜାଶୀଳ ଭାବେ ଢ଼ାଙ୍କି ରଖିବା ସେମାନଙ୍କ ପକ୍ଷେ ଜରୁରୀ । ଏହା ଅଲ୍ଲାଃଙ୍କ ବିହିତ ନିର୍ଦ୍ଦେଶ । ତେଣୁ ଏଥିପ୍ରତି ବିଶେଷ ଧ୍ୟାନ ଦେବା ଉଚିତ୍ ।

ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ସମ୍ପର୍କର ସ୍ତର କିପରି ହେବା ଉଚିତ୍ ? ଏହା ବର୍ଣ୍ଣନା କରି ହଜ୍‌ରତ୍ ମସିହ୍ ମଉଦ୍[ଅସ] କହିଛନ୍ତି: 'ସୁତରାଂ ଏହା ଆବଶ୍ୟକ ଯେ ସ୍ୱାମୀମାନଙ୍କର ନିଜ ପତ୍ନୀଙ୍କ ସହିତ ସମ୍ପର୍କ ଏଭଳି ନିବିଡ଼ ହେବା ଉଚିତ୍, ଯେମିତି ଦୁଇ ଜଣ ଅନ୍ତରଙ୍ଗ ଓ ପ୍ରକୃତ ବନ୍ଧୁଙ୍କ ମଧ୍ୟରେ ରହିଥାଏ । ମଣିଷର ଉତ୍ତମ ଆଚରଣ ଓ ଅଲ୍ଲାଃଙ୍କ ସହିତ ସମ୍ପର୍କର ପ୍ରଥମ ସାକ୍ଷୀ ହେଉଛି

ତାହାର ପତ୍ନୀ ।’ ଯଦି ତା ସହିତ ସେ ଭଲ ବ୍ୟବହାର ନକରିବ, ତେବେ ଏହା କିପରି ସମ୍ଭବ ଯେ ଅଲ୍ଲାଃତାଲାଙ୍କ ସହିତ ତାହାର ମୈତ୍ରି ସମ୍ପର୍କ ସ୍ଥାପିତ ହୋଇପାରିବ । (ଯଦି ଘରେ ସମ୍ପର୍କ ଠିକ୍ ରହୁନାହିଁ ତେବେ ଅଲ୍ଲାଃଙ୍କ ସହିତ ସୁସମ୍ପର୍କ ରଖିବା ଓ ତାହାଙ୍କ ନିର୍ଦ୍ଦେଶଗୁଡିକୁ ମାନିବା କଷ୍ଟକର) ପୁଣି କହିଛନ୍ତି ‘ମୁହମ୍ମଦ ରସୁଲୁଲ୍ଲାଃ[ସଅ] ଙ୍କ ଉକ୍ତି **خَيۡرُکُمۡ خَيۡرُکُمۡ لِاَهۡلِهٖ**

**ଖଏରୋକୁମ୍ ଖଏରୋକୁମ୍ ଲିଅହ୍‌ଲିହି** ଅର୍ଥାତ, ତୁମମାନଙ୍କ ମଧ୍ୟରେ ସେ ହିଁ ଉତ୍ତମ ବ୍ୟକ୍ତି, ଯିଏ ନିଜ ସ୍ତ୍ରୀଙ୍କ ସହିତ ଭଲ ବ୍ୟବହାର କରେ’ ।

(ମଲ୍‌ଫୁଜାତ୍, ଖଣ୍ଡ ୫, ପୃଷ୍ଠା ୪୧୭-୪୧୮)

ହଜୁର ଅନଓ୍ୱର[ଅବ] କହିଛନ୍ତି : ‘ପୁଣି ପୁରୁଷର ବାପ ହିସାବରେ ଯେଉଁ ଦାୟିତ୍ୱ ରହିଛି, ତାହା ମଧ୍ୟ ବୁଝିବା ଆବଶ୍ୟକ । ଏପରି ଚିନ୍ତା କରିବାର ନାହିଁ ଯେ ପିଲାମାନଙ୍କ ପ୍ରଶିକ୍ଷଣ କରିବା କେବଳ ମାଆମାନଙ୍କ କାର୍ଯ୍ୟ । ନିଃସନ୍ଦେହରେ ଗୋଟିଏ ନିର୍ଦ୍ଦିଷ୍ଟ ବୟସର ପିଲା ମା’ ନିକଟରେ ସମୟ ଅତିବାହିତ କରିଥାଏ ଓ ଅତି ଛୋଟବେଳୁ ମାଆର ପ୍ରଶିକ୍ଷଣ ପିଲା ପାଇଁ ବେଶ୍ ଉପଯୋଗୀ ଓ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । କିନ୍ତୁ ଏଥିରେ ପୁରୁଷ ନିଜକୁ କର୍ତ୍ତବ୍ୟରୁ ମୁକ୍ତି ମିଳି ଗଲା ବୋଲି ମଣିବା ଉଚିତ୍ ନୁହେଁ । ପିତାମାନଙ୍କୁ ମଧ୍ୟ ନିଜ ପିଲାମାନଙ୍କୁ ନୈତିକ ଶିକ୍ଷା ଦିକ୍ଷା ଦେବାରେ ନିଜର ଭୂମିକା ଗ୍ରହଣ କରିବା ଉଚିତ୍ । ବିଶେଷ କରି ଯେତେବେଳେ ପିଲା ୭/୮ ବର୍ଷର ହୋଇଯାନ୍ତି, ସେତେବେଳେ ସେମାନେ (ନିଜ ପ୍ରତି) ପିତାଙ୍କ ଦୃଷ୍ଟି ଓ ଧ୍ୟାନ ଦେବାର ଆବଶ୍ୟକତା ଲୋଡ଼ିଥାନ୍ତି । ପାଶ୍ଚାତ୍ୟ ଦେଶମାନଙ୍କରେ ପିଲାମାନେ ଖରାପ ହେବାର ସମ୍ଭାବନା ବେଶି ବଢି ଯାଇଥାଏ । ପିତାମାନେ ଯେଉଁପରି ନିଜ ପିଲାମାନଙ୍କର ଆଦର ସମ୍ମାନ କରିବା ଉଚିତ୍ ଯଦ୍ୱାରା ସେମାନେ ଶିଷ୍ଟାଚାରୀ ହେବେ, ସେପରି ମଧ୍ୟ ସେମାନଙ୍କ ଉପରେ ଗଭୀର ଦୃଷ୍ଟି ରଖିବାର ଅଛି ଯେମିତି କି ସେମାନେ ପରିବେଶର କୁପ୍ରଭାବରୁ ସୁରକ୍ଷିତ ରହିବେ । ପୁଣି ବାପାଙ୍କର ପିଲାମାନଙ୍କ ସହିତ ସମ୍ପର୍କ, ପିଲାମାନଙ୍କୁ ସୁରକ୍ଷାର ଅନୁଭବ କରାଇଥାଏ । ଅନେକ ବାପା ପିଲାମାନଙ୍କର ବ୍ୟବହାର

ସମ୍ପର୍କରେ ଅଭିଯୋଗ କରୁଛନ୍ତି ଯେ ସେମାନଙ୍କ ଭିତରେ ଏକ ପ୍ରକାର ଦୂରତା ଓ ଅବିଶ୍ୱାସ ଜନ୍ମ ନେଲାଣି କିମ୍ୱା ସେମାନେ ମିଛ କହିବାକୁ ଲାଗିଲେଣି । ବାପାମାନଙ୍କୁ ଯେତେବେଳେ କୁହାଯାଉଛି ଯେ ପିଲାମାନଙ୍କ ସହିତ ସୁସମ୍ପର୍କ ରଖ, ବନ୍ଧୁତା ସ୍ଥାପନ କର । ଏପରି କରିବା ଦ୍ୱାରା ସାଧାରଣତଃ ଦେଖାଯାଇଛି ଯେ ପିଲାମାନଙ୍କ ଭିତରେ ରହିଥିବା ଦୋଷ ଦୁର୍ବଳତା ଦୂର ହୋଇଯାଇଛି । ତେଣୁ ପିଲାମାନଙ୍କୁ ବାହ୍ୟ ପରିସ୍ଥିତିରୁ ସୁରକ୍ଷା ଦେବାକୁ ହେଲେ ବାପାଙ୍କୁ ଆବଶ୍ୟକ ଯେ ସେମାନେ ପିଲାମାନଙ୍କ ସହିତ କିଛି ସମୟ ବାହାରେ ବିତାନ୍ତୁ । ପୁଣି ପିତାମାନେ ଯେଉଁ ଭଳି ଭାବରେ ପିଲାମାନଙ୍କ ତରବିୟତ(ପ୍ରଶିକ୍ଷଣ) ନିମନ୍ତେ ଚେଷ୍ଟା କରିବା କଥା, ସେପରି ସେମାନଙ୍କ ପାଇଁ ଦୁଆ କରିବା ମଧ୍ୟ ଜରୁରୀ । ହଜରତ ମସିହ ମଉଦ[ଅସ] କହିଛନ୍ତି 'ମାର୍ଗଦର୍ଶକ ଓ ପ୍ରକୃତ ସଂସ୍କାର ପ୍ରଦାନକାରୀ ସ୍ୱୟଂ ଅଲ୍ଲାଃତାଲା । ପଛରେ ପଡ଼ି ରହିବା ଓ ଗୋଟିଏ କଥାରେ ଜିଦ୍ କରି ବସି ରହିବା ଏହା ପ୍ରକାଶ କରିଥାଏ ଯେମିତି କି ଆମେ କେବଳ ମାର୍ଗ ଦର୍ଶନକାରୀ ଓ ଆମେ ହିଁ ନିଜ ଇଚ୍ଛାରେ ତାକୁ ଭଲବାଟକୁ ଆଣିପାରିବୁ । ଏହା ଏକ ପ୍ରକାରର ଗୁପ୍ତ ଶିରିକ୍, ଏଥିରୁ ଆମ ଜମାଅତର ଲୋକମାନଙ୍କୁ ନିବୃତ ରହିବା ଉଚିତ୍ ।' ସେ କହିଛନ୍ତି 'ଆମେ ତ ନିଜ ପିଲାମାନଙ୍କ ପାଇଁ ପ୍ରାର୍ଥନା କରିଥାଉ ଏବଂ ସାଧାରଣ ଭାବରେ ସେମାନଙ୍କୁ ସାମାଜିକ ନୀତି ନିୟମ ଓ ଶିଷ୍ଟାଚାରର ଶିକ୍ଷା ଦେଇଥାଉ । ଏଥିରୁ ଅଧିକ କିଛି କରିବାର ଆମର ସାମର୍ଥ୍ୟ ନାହିଁ ଏବଂ ଅଲ୍ଲାଃତାଲାଙ୍କ ଉପରେ ସଂପୂର୍ଣ୍ଣ ଭରସା ରଖିଥାଉ ଯେମିତି କାହା ମଧ୍ୟରେ ଦିବ୍ୟ ବୀଜ ଅଙ୍କୁରିତ ହେବା ଦୃଷ୍ଟିଗୋଚର ହୋଇଥାଏ ଏବଂ ସମୟ ଆସିଲେ ତାହା ଶସ୍ୟ ଶ୍ୟାମଳ ହୋଇଯାଏ ।'

(ମଲ୍‌ଫୁଜାତ୍, ଖଣ୍ଡ୨, ପୃଷ୍ଠା ୫)

ସୁତରାଂ ଆମକୁ ମନେ ରଖିବାକୁ ହେବ ଯେ ହଜ୍‌ରତ୍ ମସିହ୍ ମଉଦ୍[ଅସ] ଯେତେବେଳେ କହିଛନ୍ତି ଯେ ଆମେ ଦୁଆ କରୁଛୁ, ତେବେ ସେହି ଦୁଆର ସ୍ତର ମଧ୍ୟ ଉତ୍କୃଷ୍ଟ ମାନର ହୋଇଥିବ । ଏହି କଥାକୁ ମାମୁଲି ଭାବିବା

ଅନୁଚିତ୍ ଓ ଦୁଆର ଏହି ସ୍ତରକୁ ହାସଲ କରିବା ପାଇଁ ଆମକୁ ବହୁତ ପରିଶ୍ରମ କରିବାକୁ ହେବ । ବାପା ହିସାବରେ ପିଲାଙ୍କ ସଂସ୍କାର ପାଇଁ କିପରି ଓ କେତେ ଧ୍ୟାନ ଦେବା ଉଚିତ୍ ଏ ବିଷୟରେ ହଜରତ ମସିହ ମଉଦ[ଅସ] କହିଛନ୍ତି 'କେତେକ ଲୋକ ଚିନ୍ତା କରିଥାନ୍ତି ଯେ ପିଲାମାନଙ୍କ ପାଇଁ ତାଙ୍କ ଅନ୍ତେ କିଛି ସମ୍ପତ୍ତି ଛାଡ଼ିଯିବା ଉଚିତ୍ । ମୋତେ ଆଶ୍ଚର୍ଯ୍ୟ ଲାଗୁଛି ଯେ ସମ୍ପତ୍ତି ଛାଡ଼ିଯିବା ପ୍ରତି ସେମାନଙ୍କର ଧ୍ୟାନ ଆସିଯାଏ, କିନ୍ତୁ ପିଲାମାନେ କିଭଳି ସୁଶୀଳ ଓ ଶିଷ୍ଟାଚାରୀ ହେବେ, ଖରାପ କିମ୍ବା ଅପକର୍ମୀ ନହେବେ ସେଥିପ୍ରତି ଧ୍ୟାନ ଯାଇନଥାଏ । ବେଳେବେଳେ ଏପରି ଲୋକ ସନ୍ତାନମାନଙ୍କ ପାଇଁ ଧନ ସମ୍ପତ୍ତି ଠୁଳ କରିଥାନ୍ତି ଓ ସନ୍ତାନମାନଙ୍କ ଯୋଗ୍ୟତା ପ୍ରତି ଚିନ୍ତା କରନ୍ତି ନାହିଁ କି ଧ୍ୟାନ ଦିଅନ୍ତି ନାହିଁ । ସେମାନେ ନିଜ ଜୀବନରେ ହିଁ ପିଲାମାନଙ୍କ ପାଇଁ ବିଳାପ କରିଥାନ୍ତି ଓ ସେମାନଙ୍କର ବ୍ୟବହାରରେ ଅତିଷ୍ଠ ହୋଇ ନାନା କଷ୍ଟ ଉଠାନ୍ତି । କିନ୍ତୁ ସେହି ଧନସମ୍ପତ୍ତି ବିଷୟରେ ଅଲ୍ଲାଃ ଜାଣନ୍ତି ଯେ ସେମାନେ କେଉଁକେଉଁ ଉପାୟରେ ଜମା କରିଥିଲେ । ପରିଶେଷରେ ଜୁଆ, ମଦ୍ୟପାନରେ ତାକୁ ଉଡାଇ ଦିଅନ୍ତି ଓ କୁକାର୍ଯ୍ୟରେ ସେହି ଧନର ଅପଚୟ କରିଥାନ୍ତି । ସେହି ସନ୍ତାନମାନେ ଏପରି ମାଆ ବାପାଙ୍କ ଦୁଶ୍ଚରିତ୍ର ଓ ଦୁଷ୍ଟାଚାରର ଉତ୍ତରାଧିକାରୀ ହୋଇଥାଏ । ଅଲ୍ଲାଃତାଲା କହିଛନ୍ତି–

وَهُوَ يَتَوَلَّى الصّٰلِحِيْنَ

**ୱ ହୁଓ୍ୱୟତଓଲ୍ ଲସ୍‌ସାଲିହିନା** (ଅଲ୍ ଆରାଫ୍ -୧୯୭) ଅର୍ଥାତ 'ଅଲ୍ଲାଃତାଲା ନିଜ ଧର୍ମନିଷ୍ଠମାନଙ୍କୁ ସ୍ୱୟଂ ସାହାଯ୍ୟ ସହଯୋଗ କରିଥାନ୍ତି ।' ଯଦି ସନ୍ତାନ ଅଯୋଗ୍ୟ ହୁଏ ତେବେ ସେମାନଙ୍କ ପାଇଁ ଲକ୍ଷ ଲକ୍ଷ ଟଙ୍କା ଛାଡ଼ିଗଲେ ସୁଦ୍ଧା ସେ ତାହାକୁ ବିନର୍ବ୍ୟୟ କରି କାଙ୍ଗାଳ ହୋଇଯିବ ଏବଂ ବିଭିନ୍ନ ପ୍ରକାର ଅସୁବିଧା ଓ ସମସ୍ୟାର ସମ୍ମୁଖୀନ ହେବ, ଯାହା ତାହା ପାଇଁ ଧାର୍ଯ୍ୟ ରହିଥିବ । ପୁଣି କହିଛନ୍ତି 'ଯେଉଁ ବ୍ୟକ୍ତି ନିଜ ନିଷ୍ପତ୍ତିକୁ ପ୍ରଭୁଙ୍କ ନିଷ୍ପତ୍ତି ଓ ଇଛା ସହିତ ସହମତି ଜଣାଇ ଥାଏ କରିଥାଏ ସେ ସନ୍ତାନମାନଙ୍କ ଦ୍ୱାରା ସନ୍ତୁଷ୍ଟ ହୋଇଥାଏ । ଏହା ସେତେବେଳେ ସମ୍ଭବ ହେବ ଯେତେବେଳେ

ବାପା ସନ୍ତାନମାନଙ୍କ ଯୋଗ୍ୟତା ପାଇଁ ଚେଷ୍ଟା କରିବେ । ଏପରି ପରିସ୍ଥିତିରେ ପ୍ରଭୁ ତାଙ୍କର ସୁରକ୍ଷାକାରୀ ହେବେ । ତାଙ୍କୁ ସମ୍ଭାଳି ନେବେ ଓ ତାଙ୍କର ଉତ୍ତରଦାୟୀ ହେବେ । ତାଙ୍କର କାର୍ଯ୍ୟ ଦକ୍ଷତା ଓ ଯୋଗ୍ୟତା ପାଇଁ ଚେଷ୍ଟା କରିବା ଅର୍ଥାତ୍ ସେମାନଙ୍କର ସଂସ୍କାର ପାଇଁ ବହୁତ ଧ୍ୟାନ ଦେବା ଉଚିତ । ପୁଣି କହିଛନ୍ତି ହଜରତ୍ ଦାଉଦ୍[ଅସ]ଙ୍କ ଗୋଟିଏ କଥନ ଅଛି ଯେ ମୁଁ ପିଲାଥିଲି, ଯୁବକ ହେଲି ଏବେ ବୁଢ଼ା ହୋଇଗଲିଣି । ମୁଁ କୌଣସି ଧର୍ମପରାୟଣ ବ୍ୟକ୍ତିକୁ କଦାପି ଏପରି ଅବସ୍ଥାରେ ଦେଖିନାହିଁ ଯେ ତାଙ୍କ ସନ୍ତାନମାନେ କେବେ ଭିକ ମାଗିଥିବେ । ବରଂ ଅଲ୍ଲାଃତାଲା ସେମାନଙ୍କର ଅନେକ ପିଢ଼ି ପର୍ଯ୍ୟନ୍ତ ଧ୍ୟାନ ରଖିଥାନ୍ତି । ତେଣୁ ନିଜେ ପୁଣ୍ୟବାନ ହୁଅ ଓ ନିଜ ସନ୍ତାନମାନଙ୍କ ପାଇଁ ପୁଣ୍ୟକର୍ମ ଓ ତକ୍ୱାର ଉତ୍ତମ ଦୃଷ୍ଟାନ୍ତ ହୋଇଯାଅ । ତାଙ୍କୁ ଧର୍ମନିଷ୍ଠ ଓ ପ୍ରଭୁଭକ୍ତ କରିବା ପାଇଁ ଚେଷ୍ଟା ଓ ପ୍ରାର୍ଥନା କର । ତାଙ୍କ ପାଇଁ ଧନ ଠୁଳ କରିବା ପରିବର୍ତ୍ତେ ଦୁଆ କର ।’ ପୁଣି କହିଲେ ‘ଏପରି କାର୍ଯ୍ୟ କର ଯାହା ସନ୍ତାନମାନଙ୍କ ପାଇଁ ଉତମ ଦୃଷ୍ଟାନ୍ତ ଓ ଶିକ୍ଷଣୀୟ ହେବ । ସେଥିପାଇଁ ଏହା ଜରୁରୀ ଯେ ତୁମେ ସର୍ବପ୍ରଥମେ ନିଜର ସଂସ୍କାର କର । ଯଦି ତୁମେ ଉଚ୍ଚ ସ୍ତରର ଧର୍ମପରାୟଣ ଓ ସଦାଚାରୀ ହୋଇଯିବ ତଥା ପ୍ରଭୁଙ୍କୁ ସନ୍ତୁଷ୍ଟ କରିଦେବ, ତେବେ ଏହା ବିଶ୍ୱାସ ଅଛି ଯେ ଅଲ୍ଲାଃତାଲା ତୁମ ସନ୍ତାନମାନଙ୍କ ସହିତ ଉତ୍ତମ ବ୍ୟବହାର କରିବେ ।’

(ମଲ୍‌ଫୁଜାତ୍, ଖଣ୍ଡ ୮, ପୃଷ୍ଠା୧୦୮-୧୧୦)

ହଜୁର ଅନଓ୍ୱର[ଅବ] କହିଛନ୍ତି ‘ଇସଲାମ ଏକପକ୍ଷେ ପିତାମାନଙ୍କୁ ଆଦେଶ ଦେଇଥାଏ ଯେ ନିଜ ପିଲାମାନଙ୍କ ଶିକ୍ଷା ସଂସ୍କାର ପ୍ରତି ଧ୍ୟାନ ଦିଅ ଓ ସେମାନଙ୍କ ପାଇଁ ପ୍ରାର୍ଥନା କର । ଅପରପକ୍ଷେ ପିଲାମାନଙ୍କୁ ମଧ୍ୟ ସେମାନଙ୍କ ଦାୟିତ୍ୱ ସମ୍ପର୍କରେ ଅବଗତ କରାଇଛି । ଯେପରି ସେମାନଙ୍କ ପାଇଁ ନିର୍ଦ୍ଦେଶ ରହିଛି ଯେ ଯେତେବେଳେ ତୁମେ ସାବାଳକ ହୋଇଯାଅ, ତୁମେମାନେ ନିଜ ପିତାମାତାଙ୍କ ପ୍ରତି ନିଜ କର୍ତ୍ତବ୍ୟ ସମ୍ପାଦନ କର । ଏସବୁ ସମ୍ପର୍କର ଡ଼ୋରି ହେଉଛି କର୍ତ୍ତବ୍ୟ ଶିକୁଳିର ଗୋଟିଏ ଗୋଟିଏ କଡ଼ି, ଯାହାକି ପରସ୍ପର ସହିତ

ଯୋଡ଼ିହୋଇ ରହିଲେ ଶାନ୍ତିପୂର୍ଣ୍ଣ ସମାଜ ଗଠିତ ହୋଇଥାଏ । ପିତାମାତାଙ୍କ କର୍ତ୍ତବ୍ୟ ସମ୍ପାଦନ କରିବା ଗୁରୁଦାୟିତ୍ୱ ଏହାର ଗୁରୁତ୍ୱ ବିଷୟରେ ପ୍ରତ୍ୟେକ ବିଶ୍ୱାସକାରୀଙ୍କୁ ବୁଝିବା ଉଚିତ୍ । ଜଣେ ସନ୍ତାନର ଯେତେବେଳେ ହିତାହିତ ଜ୍ଞାନ ଆସେ, ସେ କିପରି ନିଜ ପିତାମାତାଙ୍କ ପ୍ରତି କର୍ତ୍ତବ୍ୟ ସମ୍ପାଦନ କରିବ,ଏଥି ସମ୍ବନ୍ଧରେ ଏକଦା ଜଣେ ବାଳକ ହଜରତ ମୁହମ୍ମଦ[ସଅ]ଙ୍କୁ ପଚାରିଲେ 'ହଜୁର ! ମୁଁ ଜେହାଦ୍ (ଧର୍ମଯୁଦ୍ଧ)ରେ ସାମିଲ ହେବାକୁ ଚାହୁଁଛି ।' ହଜୁର ତାକୁ ପଚାରିଲେ 'କ'ଣ ତୋର ପିତାମାତା ଜୀବିତ ଅଛନ୍ତି ?' ସେ କହିଲା 'ହଁ ଜୀବିତ ଅଛନ୍ତି ।' ଏହା ଶୁଣି ମହାଭାଗ ଆଦେଶ ଦେଲେ 'ସେମାନଙ୍କର ସେବା କର, ତାହା ହିଁ ତୁମ ପାଇଁ ଜେହାଦ୍ ।'

(ସହି ବୁଖାରି, କିତାବୁଲ୍ ଜିହାଦ୍ ୱସ୍ ସଏର୍, ହଦିସ୍ ନଂ-୩୦୦୪)

ସୁତରାଂ ମାଆ ବାପାଙ୍କ ନିମନ୍ତେ ସେବାର ଗୁରୁତ୍ୱ ଏଥିରୁ ଜଣା ପଡୁଛି । ପୁଣି ଏତିକି ନୁହେଁ, ବରଂ ପରସ୍ପର ମଧ୍ୟରେ ପ୍ରେମ ଓ ସୌହାର୍ଦ୍ଦ୍ୟକୁ ବଢ଼ାଇବା ପାଇଁ ବାପାଙ୍କ ବନ୍ଧୁଙ୍କ ସହିତ ମଧ୍ୟ ଉତ୍ତମ ବ୍ୟବହାର କରିବା ପାଇଁ ହଜ୍‌ରତ୍ ମୁହମ୍ମଦ[ସଅ] ନିର୍ଦ୍ଦେଶ ଦେଇଥିଲେ । ସୁତରାଂ ଏକ ଅବସରରେ ସେ କହିଲେ ଯେ ମନୁଷ୍ୟର ସର୍ବୋତ୍ତମ ପୁଣ୍ୟ ହେଉଛି, ନିଜ ବାପାଙ୍କ ସାଙ୍ଗସାଥିମାନଙ୍କ ସହିତ ମଧ୍ୟ ଉତ୍ତମ ବ୍ୟବହାର କରିବା, ଯେତେବେଳେ ତାଙ୍କର ବାପା ମରି ଯାଇଥିବେ । (ସୁନନ ଅବୁଦାଉଦ, କିତାବୁଲ୍ ଅଦବ୍, ହଦିସ୍ ନଂ-୫୧୪୩) ପୁଣି ଏ କଥାକୁ ଅଧିକ ବ୍ୟାଖ୍ୟା କରି ହଜ୍‌ରତ୍ ମୁହମ୍ମଦ[ସଅ] କହିଛନ୍ତି, ଯାହାରା ବର୍ଣ୍ଣନା ଏପରି କରାଯାଇଛି ଯେ ହଜ୍‌ରତ୍ ଅବୁଉସେଦୁଲ୍ ସାଦି[ରଅ] କହିଛନ୍ତି:- 'ଆମେମାନେ ଯେତେବେଳେ ହଜୁରଙ୍କ ନିକଟରେ ଉପସ୍ଥିତ ଥିଲୁ, ବନି ସଲମାର ଜଣେ ବ୍ୟକ୍ତି ହାଜର ହୋଇ ପଚାରିଲେ 'ହେ ଅଲ୍ଲାଃଙ୍କ ରସୁଲ ! ପିତାମାତାଙ୍କ ଦେହାନ୍ତ ପରେ କ'ଣ ଏପରି କିଛି ପୁଣ୍ୟକର୍ମ ଅଛି ଯାହା ମୁଁ ସେମାନଙ୍କ ପାଇଁ କରିପାରିବି ?' ମହାଭାଗ କହିଲେ 'ହଁ କାହିଁକି ନୁହେଁ, ତୁମେ ସେମାନଙ୍କ ପାଇଁ ଦୁଆ କର, କ୍ଷମା ପ୍ରାର୍ଥନା କର ଓ ସେମାନେ ଜୀବିତ ଥିବା ଅବସ୍ଥାରେ ଯାହା ପାଇଁ

କୌଣସି ପ୍ରତିଶୃତି ଦେଇଥିଲେ ତାହାକୁ ପୂରଣ କର । ସେମାନଙ୍କ ବନ୍ଧୁପରିଜନଙ୍କ ସହିତ ସେହିପରି ସୁନ୍ଦର ବ୍ୟବହାର ଓ ଶିଷ୍ଟାଚାର ପ୍ରଦର୍ଶନ କର, ଯେପରି ସେମାନେ ଉକ୍ତ ପରିଜନଙ୍କ ସହିତ କରୁଥିଲେ । ସେମାନଙ୍କ ବନ୍ଧୁମାନଙ୍କର ଆଦର ଓ ସମ୍ମାନ କର ।'

(ସୁନନ ଅବୁଦାଉଦ୍, କିତାବୁଲ୍ ଅଦବ୍, ହଦିସ୍ ନଂ-୫୧୪୨)

ପୁଣି ଏକ ସ୍ଥାନରେ ହଜ୍‌ରତ୍ ମୁହମ୍ମଦ[ସଅ] କହିଛନ୍ତି 'ଯେଉଁ ବ୍ୟକ୍ତି ଇଚ୍ଛା କରୁଛି ଯେ ତାର ବୟସ ଲମ୍ବା ହେଉ ଓ ତାଙ୍କର ରିଜକ୍ (ଜୀବନ ନିର୍ବାହ ସାଧନ) ଅଧିକ ହେଉ, ତାଙ୍କୁ ଏହା ଆବଶ୍ୟକ ଯେ ସେ ମାଆ ବାପାଙ୍କ ସହିତ ଉତ୍ତମ ବ୍ୟବହାର କରନ୍ତୁ ଏବଂ ନିକଟ ସମ୍ପର୍କୀୟମାନଙ୍କର ଉପକାର କରନ୍ତୁ ।'

(ଅଲ୍ ଯାମେଅଶ୍ ଶୁଅବିଲ୍ ଇମାନ୍, ଖଣ୍ଡ୧୦, ପୃଷ୍ଠା୨୬୪-୨୬୫)

ସୁତରାଂ ପିଲା କେବଳ ଗେଲବସର ହେବା ପାଇଁ ନୁହେଁ, ବରଂ ଯୌବନରେ ପାଦ ଦେବା ପରେ ତାଙ୍କର ମଧ୍ୟ କିଛି କର୍ତ୍ତବ୍ୟ ରହିଛି । ସେହିପରି ମାଆ ବାପାଙ୍କର ମଧ୍ୟ କିଛି ଅଧିକାର ଅଛି, ଯାହା ସେମାନେ ପିଲାମାନଙ୍କୁ ଦେବେ ।

ହଜୁର ଅନଓ୍ୱର[ଅବ] କହିଛନ୍ତି : ବିବାହ ବନ୍ଧନ ପରେ ବିଶେଷକରି ଏହି କର୍ତ୍ତବ୍ୟ ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ । ଯଦି ଜଣେ ବ୍ୟକ୍ତି ବୁଦ୍ଧିମତ୍ତାର ସହିତ ପତ୍ନୀମାନଙ୍କ ପ୍ରତି କର୍ତ୍ତବ୍ୟ ସମ୍ପାଦନ କରିବା ସଙ୍ଗେ ସଙ୍ଗେ ପିତାମାତାଙ୍କ କର୍ତବ୍ୟ ମଧ୍ୟ ପାଳନ କରେ ଏବଂ ପତ୍ନୀକୁ ମଧ୍ୟ ଅନୁଭବ କରାଏ ଯେ ଶାଶୁ ଶ୍ୱଶୁରଙ୍କର ସେବା କରିବାର ମହତ୍ୱ କ'ଣ ତଥା ନିଜେ ମଧ୍ୟ ଶାଶୁ ଶ୍ୱଶୁରଙ୍କର ସେବା କରେ, ତେବେ ଘରେ କଦାପି କଳହ ସୃଷ୍ଟି ହେବ ନାହିଁ । ଅନେକ ସ୍ଥାନରେ ଦେଖିବାକୁ ମିଳିଥାଏ, ଧାର୍ମିକ ମତଭେଦ କାରଣରୁ ପିତା ଓ ପୁତ୍ର ମଧ୍ୟରେ ମନାନ୍ତର ହୋଇଥାଏ । କେତେକ ନୂତନ ଅହେମଦି ଏହି ପ୍ରଶ୍ନ କରିଥାନ୍ତି ଯେ ଏପରି ଅବସ୍ଥାରେ କ'ଣ ପୁତ୍ରମାନେ ନିଜ ପିତାଙ୍କ ସହିତ ଉତ୍ତମ ବ୍ୟବହାର ପୂର୍ବକ ତାଙ୍କର ସେବାଯତ୍ନ କରିବା

ଉଚିତ ? ଥରେ ବଟାଲା ଗସ୍ତ ସମୟରେ ହଜ୍‌ରତ୍ ମସିହ୍ ମଉଦ୍[ଅସ] ତାଙ୍କ ପ୍ରିୟ ଅନୁଚର ଶେଖ ଅବଦୁର୍ ରହ୍‌ମାନ[ରଅ]ଙ୍କୁ ତାଙ୍କ ବାପାଙ୍କ ବିଷୟରେ ପଚାରି ବୁଝିଲେ ଓ ତାପରେ ତାଙ୍କୁ ଉପଦେଶ ଦେଲେ ଯେ ତାଙ୍କ ପାଇଁ ଦୁଆ କର (ଏହା ସତ୍ତ୍ୱେ ଯେ ସେ ଅହମଦୀ ନଥିଲେ, ଜଣେ ଅଣ ମୁସ୍‌ଲିମ୍ ଥିଲେ) । ପ୍ରତ୍ୟେକ ପ୍ରକାର ଉପୟରେ ଓ ଯଥା ସମ୍ଭବ ମାଆ ବାପାଙ୍କ ମନ ତୋଷିବା ଉଚିତ୍ । ପୂର୍ବାପେକ୍ଷା ଅଧିକ ଚରିତ୍ରବାନ ହୋଇ ଓ ନିଜର ପବିତ୍ର ଆଦର୍ଶ ମାଧ୍ୟମରେ ତାଙ୍କୁ ଇସ୍‌ଲାମ୍‌ର ସତ୍ୟତା ଦେଖାଅ । ଚାରିତ୍ରିକ ଆଦର୍ଶ ପ୍ରତିଷ୍ଠା କରିବା ଏପରି ଏକ ଚମତ୍କାରିତା ଯାହାର କେହି ସମକକ୍ଷ ହୋଇ ପାରିବେ ନାହିଁ । ବାସ୍ତବେ ଇସ୍‌ଲାମ୍‌ର ଏପରି ସ୍ତରରୁ ମନୁଷ୍ୟ ଉଚ୍ଚତମ ଚରିତ୍ର ଗ୍ରହଣ କରିଥାଏ । ଯଦ୍ୱାରା ସେ ଏକ ଅନନ୍ୟ ବ୍ୟକ୍ତିବିଶେଷ ହୁଏ । ସମ୍ଭବତଃ ଅଲ୍ଲାଃତାଲା ତୁମ ମାଧ୍ୟମରେ ତାଙ୍କ ହୃଦୟରେ ଇସ୍‌ଲାମ୍‌ର ପ୍ରେମ ସ୍ଥାପନ କରି ପାରନ୍ତି । ଇସ୍‌ଲାମ୍ ବାପାମାଆଙ୍କ ସେବାରୁ କେବେ ବଞ୍ଚିତ କରାଏ ନାହିଁ । ସଂସାରିକ ବିଷୟ, ଯଦ୍ୱାରା ଦୀନ୍ (ଧର୍ମ) ପ୍ରଭାବିତ ହୁଏ ନାହିଁ, ସେହି ଅବସ୍ଥାରେ ବାପାମାଆଙ୍କର ପ୍ରତ୍ୟେକ କ୍ଷେତ୍ରରେ ଆଜ୍ଞାପାଳନ କରିବା ଉଚିତ୍ । (ମଲ୍‌ଫୁଜାତ୍, ଖଣ୍ଡ ୪, ପୃଷ୍ଠା୧୭୫ ପାଦଟୀକା) ତେଣୁ ଏପରି ସାଧାରଣ ନିୟମ ଅଛି ଯେ ଧର୍ମ ପ୍ରଚାର ସମୟରେ ସର୍ବଦା ମିଷ୍ଟ ଭାଷା ପ୍ରୟୋଗ କରିବା ଉଚିତ୍ ଓ ଉତ୍ତମ ବ୍ୟବହାର ଦେଖାଇବା ଉଚିତ୍ ।

ଅନ୍ୟ ଏକ ଘଟଣା କ୍ରମରେ ଯଦି ବାପା ମୁସଲ୍‌ମାନ ହୋଇଥିବେ, ସେପରି ସ୍ଥଳେ ହଜରତ ମସିହ ମଉଦ[ଅସ] ଏହାର ବିସ୍ତାର ପୂର୍ବକ ଉତ୍ତର ଦେଇଛନ୍ତି । ଏକଦା ଜଣେ ବ୍ୟକ୍ତି ତାଙ୍କୁ ପଚାରିଲେ 'ହଜୁର ! ପିତାମାତାଙ୍କ ସେବା କରିବା ଓ ତାଙ୍କ ଆଜ୍ଞା ପାଳନ କରିବାକୁ ଅଲ୍ଲାଃତାଲା ମଣିଷ ଉପରେ ଅନିବାର୍ଯ୍ୟ କରିଛନ୍ତି । କିନ୍ତୁ ମୁଁ ଅହମଦି ହେବା ଯୋଗୁଁ ମୋ ପିତାମାତା ମୋ ଉପରେ ଅତ୍ୟନ୍ତ କ୍ଷୁବ୍ଧ ହୋଇଛନ୍ତି । ଏପରିକି ସେମାନେ ମୋର ଚେହେରା ଦେଖିବାକୁ ଚାହୁଁ ନାହାନ୍ତି । ଯେତେବେଳେ ମୁଁ ହଜୁରଙ୍କ ହାତରେ ବୟତ କରିବାକୁ ବାହାରିଲି ସେମାନେ ମୋତେ କହିଲେ ଆମକୁ ଚିଠିପତ୍ର ଲେଖିବୁ

ନାହିଁ କି ଆମ ସହିତ ସମ୍ପର୍କ ରଖିବୁ ନାହୁଁ । ଏବଂ ବର୍ତ୍ତମାନ ଆମେ ତୋର ଚେହେରା ମଧ୍ୟ ଦେଖିବାକୁ ଚାହୁ ନାହୁଁ । ଏହି ପରିସ୍ଥିତିରେ ମୁଁ ଅଲ୍ଲାଃଙ୍କ ସେହି ଆଦେଶକୁ କିଭଳି ପାଳନ କରିବି ?'

ମାନ୍ୟବର ଉତ୍ତର ଦେଲେ 'ପବିତ୍ର କୁରଆନ ଯେଉଁ ସ୍ଥିତିରେ ପିତାମାତାଙ୍କ ସେବା ଓ ଆଜ୍ଞାବହ ହେବାର ଆଦେଶ ଦେଉଛି, ସେଠାରେ ଏହା ମଧ୍ୟ କୁହାଯାଇଛି

رَبُّكُمْ اَعْلَمُ بِمَا فِيْ نُفُوْسِكُمْ اِنْ تَكُوْنُوْا صٰلِحِيْنَ فَاِنَّهٗ كَانَ لِلْاَوَّابِيْنَ غَفُوْرًا

**ରବ୍‌ବୁକୁମ୍ ଆଲମୁ ବିମାଫି ନୁଫୁସିକୁମ୍ ଇନ୍ ତକୁନୁ ସାଲିହିନା ଫାଇନ୍ନହୁ କାନା ଲିଲ୍ ଅଓାବିନା ଗଫୁରା'** (ବନି ଇସ୍‌ରାଇଲ -୨୬) ଅର୍ଥାତ 'ଅଲ୍ଲାଃତାଲା ତୁମ ଅନ୍ତରର କଥା ବେଶ୍ ଭଲ ଭାବରେ ଜାଣନ୍ତି । ଯଦି ତୁମେ ବିଶ୍ୱାସକାରୀ ହେବ ତେବେ ସେ ତାଙ୍କ ଠାରେ ନିଷ୍ଠାପୋଷଣ କରୁଥିବା ବ୍ୟକ୍ତିଙ୍କ ପ୍ରତି ଅତ୍ୟନ୍ତ କ୍ଷମାଶୀଳ ।' ଦେଖ, ଅନୁଚରମାନଙ୍କୁ ମଧ୍ୟ କିପରି ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା । ଧର୍ମଗତ କର୍ତ୍ତବ୍ୟ କରିବାକୁ ଗଲାବେଳେ ସେମାନଙ୍କ ପିତାମାତା ବାଧକ ସାଜିଥିଲେ । ତେବେ ସେ ଯାହା ହେଉ ତୁମେ ନିଜ ପକ୍ଷରୁ ସେମାନଙ୍କ ଭଲମନ୍ଦ ବୁଝିବା ଓ ଦେଖାଶୁଣା କରିବା ପାଇଁ ସର୍ବଦା ପ୍ରସ୍ତୁତ ରୁହ । କଦାଚିତ କୌଣସି ଅବସର ମିଳିଲେ, ତାକୁ ହାତଛଡ଼ା କର ନାହିଁ । ତୁମ ସଦିଚ୍ଛାର ସୁଫଳ ତୁମକୁ ନିଶ୍ଚିତ ମିଳିବ । ଯଦି କେବଳ ଧର୍ମ ଓ ଅଲ୍ଲାଃଙ୍କ ପ୍ରିତିଭାଜନକୁ ପ୍ରାଥମିକତା ଦେବା ଉଦ୍ଦେଶ୍ୟରେ ନିଜ ପିତାମାତାଙ୍କ ଠାରୁ ଅଲଗା ରହିବାର ତ୍ୟାଗ ସ୍ୱୀକାର କରିବାକୁ ପଡ଼େ ତେବେ ଏହା ଏକ ବାଧ୍ୟତାମୂଳକ ବିଷୟ । ନିଜ ତରଫରୁ ପିତାମାତାଙ୍କ ପ୍ରତି କର୍ତ୍ତବ୍ୟ ପାଳନ କରିବାରେ ଅବହେଳା କରନାହିଁ ଏବଂ ସେମାନଙ୍କ ପାଇଁ ଦୁଆ କର ତଥା ମନୋବୃତ୍ତିକୁ ପବିତ୍ର ରଖ ।

(ମଲ୍‌ଫୁଜାତ୍, ଖଣ୍ଡ୧୦, ପୃଷ୍ଠା୧୩୦-୧୩୧)

ସୁତରାଂ ଆଜି ମଧ୍ୟ ଅନେକ ଏଭଳି ପ୍ରଶ୍ନ କରିଥାନ୍ତି ଯେ ଏପରି ଅବସ୍ଥାରେ ପିତାମାତାଙ୍କର ପ୍ରତି ଆମର କର୍ତ୍ତବ୍ୟ କିଭଳି ସମ୍ପାଦନ କରିବୁ, ସେମାନଙ୍କ ପାଇଁ ଉପରୋକ୍ତ ଉତ୍ତର ଯଥେଷ୍ଟ ।

ହଜୁର ଅନୱ୍ୱର[ଅବ] କହିଛନ୍ତି : ଜଣେ ପୁରୁଷର ବିଭିନ୍ନ ପ୍ରକାର ଦାୟିତ୍ୱ ରହିଛି, ସେଗୁଡ଼ିକୁ ସମ୍ପାଦନ କରିବା ଆବଶ୍ୟକ । ନିଜ ଘରକୁ ଏଭଳି ଗଢ଼ିତୋଳ ଯହିଁରୁ ସର୍ବଦା ପ୍ରେମ ଓ ଭଲ ପାଇବାର ସୁଗନ୍ଧ ଝରୁଥିବ । ଜଣେ ପୁରୁଷକୁ ସ୍ୱାମୀ, ପିତା, ପୁତ୍ର ଆଦି ସମସ୍ତ ଭୂମିକା ତୁଲାଇବାକୁ ପଡିଥାଏ । ତେଣୁ ସେ ନିଜର ଏ ସମସ୍ତ ଦାୟିତ୍ୱକୁ ବୁଝିବା ଉଚିତ୍ । ଆହୁରି ମଧ୍ୟ ତାହାର ଅନେକ ରୂପ ରହିଛି, କିନ୍ତୁ ବିଶେଷ କରି ଏହି ତିନୋଟି ବିଷୟ ଉପରେ ମୁଁ ଏଠାରେ ଚର୍ଚ୍ଚା କଲି । ଯାହାକି ଘରର ଏକତା ଓ ସମାଜରେ ଶାନ୍ତି ପ୍ରତିଷ୍ଠାର ପ୍ରତିଶ୍ରୁତିବଦ୍ଧତା ସେତେବେଳେ ସାବ୍ୟସ୍ତ ହେବ, ଯେତେବେଳେ ଏହି ଆଧାରରେ ଶାନ୍ତି ପ୍ରତିଷ୍ଠା ହେବ ଏବଂ ଏଥିରେ ଅଧିକରୁ ଅଧିକ ସୌନ୍ଦର୍ଯ୍ୟ ଆଣିବାକୁ ଚେଷ୍ଟା କରାଯିବ । ଅଲ୍ଲାଃତାଲା ଆମ୍ଭ ସମସ୍ତଙ୍କୁ ଏହାର ଶକ୍ତି ପ୍ରଦାନ କରନ୍ତୁ ।